


## ସଂକ୍ଷେପରେ

■ଅସୁସ୍ଥ ଶ୍ୱଶୁରଙ୍କୁ ଡାକ୍ତରଖାନାରେ ଦେଖି ଫେରୁଥିବାବେଳେ ଦୁର୍ଘଟଣା

### ବୋହୂ ମୃତ, ପୁଅ ଗୁରୁତର

ଓଡ଼ାପଡ଼ା, ୪।୧୧(ଡି.ଏନ.ଏ.): ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଜିଏମଆର ରାସ୍ତାର ମଙ୍ଗଳପୁର -ବୁଢାପଙ୍କ ଛକ ନିକଟରେ ରବିବାର ରାତିରେ ଏକ ମିନି ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମାନିଆବେଡା ଗ୍ରାମର ଅର୍ଜୁନ ରାଉତଙ୍କ ବୋହୂ ବିଦୁଲତା ରାଉତ(୩୫) ବୋଲି ଜଣାପଡ଼ିଛି। ଅର୍ଜୁନ ଗତ ଏକ ସପ୍ତାହ ହେବ ଅସୁସ୍ଥତା ଯୋଗୁ ଅନୁଗୋଳ ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ପୁଅ ଶ୍ୟାମଚରଣ ଓ ବୋହୂ ବିଦୁଲତା ଅର୍ଜୁନଙ୍କୁ ଡାକ୍ତରଖାନାରେ ଦେଖିବାକୁ ଯାଇ ରବିବାର ରାତିରେ ଉଭୟେ ଏକ ବାଇକ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେମଙ୍ଗଳପୁର -ବୁଢାପଙ୍କ ଛକ ନିକଟରେ ଜିଏମଆର କମ୍ପାନୀକୁ ଶ୍ରମିକ ନେଇ ଯାଉଥିବା ଏକ ମିନି ଟ୍ରକ୍ (ନଂ.ଓଆର୧୯କେ୮୯୪୮) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିଦୁଲତାଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀ ଶ୍ୟାମଚରଣ ଆହତ ହୋଇଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ମୃତଦେହ ପଡ଼ି ରହିଥିଲା। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଦେଇଛି।

■ମକ୍‌ଡ୍ରିଲ ପରେ ପ୍ରଥମ ଉଦ୍ୟମ

# ଖସିଗଲା ସୁନ୍ଦରୀ, ଟ୍ରାଙ୍କୁଲାଇଜିଂ ବିଫଳ

ବନ୍ତଳା, ୪।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଆତଙ୍କ ସୃଷ୍ଟି କରିଥିବା ବାନ୍ଧବଗଡ଼ର ବାଘୁଣୀ 'ସୁନ୍ଦରୀ'କୁ ହାତୀ ସହାୟତାରେ ଟ୍ରାଙ୍କୁଲାଇଜିଂ ଉଦ୍ୟମ ବିଫଳ ହୋଇଛି। ରବିବାର ସକାଳେ ମକ୍‌ଡ୍ରିଲ ପରେ ବାଘୁଣୀକୁ ଠାବ କରାଯାଇ ଟ୍ରାଙ୍କୁଲାଇଜିଂ ଉଦ୍ୟମ ବେଳେ ସେ ଖସିଯାଇଥିବା ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି. ପ୍ରକାଶ କରିଛନ୍ତି।

ଶନିବାର ଭୋର ୪ ଟାରେ ପୁରୁଣାକୋଟ ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଥିଲା ଚନ୍ଦକା ଅଭୟାରଣ୍ୟର କୁମୁକି ହାତୀ 'ଯଶୋଦା'। ରବିବାର ସକାଳ ୫ ଟାରେ ଟ୍ରାଙ୍କୁଲାଇଜିଂ ପାଇଁ ମକଡ୍ରିଲ କରାଯାଇଥିଲା। ପରେ ଟିକରପଡ଼ା ରେଞ୍ଜ ମଝିପଡା ରିଜର୍ଭ ଜଙ୍ଗଲ କଦଳୀ ଖୋଲା ଗେମ ଟ୍ୟାଙ୍କ ପଞ୍ଜାବି ରୋଡ଼ଠାରେ ବାଘୁଣୀକୁ ଠାବ କରାଯାଇ ସେଠାକୁ ଯଶୋଦାକୁ ନିଆ ଯାଇଥିଲା। ଭାରତୀୟ ବନ୍ୟ ପ୍ରାଣୀ ସଂସ୍ଥାନ ଡେରାଡୁନର ବିଶେଷଜ୍ଞ ଡ. କେ ରମେଶ ସାତକୋଶିଆରେ ପହଞ୍ଚିବା ପରେ ତାଙ୍କ ନିର୍ଦ୍ଦେଶରେ ଉଦ୍ୟମ ଆରମ୍ଭ ହୋଇଥିଲା। ଅପରାହ୍ନ ପ୍ରାୟ ସାଢେ ୧୨ଟାରେ ଯଶୋଦା ସୁନ୍ଦରୀ ପାଖରେ ପହଞ୍ଚିଥିଲା। ମାହୁନ୍ତଙ୍କ ସହ ସାତକୋଶିଆ ଡାକ୍ତର କିଶୋର କୁମାର ସାହୁ ଟ୍ରାଙ୍କୁଲାଇଜ କରିବା ପାଇଁ ଯାଇଥିଲେ। ହେଲେ ଏହି ଉଦ୍ୟମ ବିଫଳ ହୋଇଥିବା ଜଣାପଡିଛି। ଉକ୍ତ ସ୍ଥାନରେ ଡବ୍ଲ୍ୟୁଆଇଆଇ ଟିମ୍‌ର ଡ. ସ୍ୱରୂପ ସାହୁ, ନନ୍ଦନକାନନ ଡାକ୍ତର ଶରତ ସାହୁ, ବାନ୍ଧବଗଡ଼ ଓ ପେଞ୍ଚ ବ୍ୟାଘ୍ର ପ୍ରକଳ୍ପର ବିଶେଷଜ୍ଞ ଡ. ସନ୍ଦୀପ ଅଗ୍ରୱାଲ ଓ ଅଖିଳେଶ ମିଶ୍ର, ସାତକୋଶିଆ ଡିଏଫ୍‌ଓ, ଏସିଏଫ ଶୁଭେନ୍ଦୁ ବେହେରା, ସରୋଜ କୁମାର ପଣ୍ଡା, ଏସ୍. କେ. ସ୍ୱାଇଁ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରା, ଟିକରପଡା ରେଞ୍ଜର ଜୟନ୍ତ ପଟ୍ଟନାୟକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଉପସ୍ଥିତ ଥିଲେ।

**ପହଞ୍ଚିଲେ ଡେରାଡୁନର ବିଶେଷଜ୍ଞ**



ଯଶୋଦାକୁ ବାଘୁଣୀ ଥିବା ସ୍ଥାନକୁ ନିଆଯାଉଛି।

# ବଜାର ଭିତରେ ବାଣ ଦୋକାନ ମନା

ଅନୁଗୋଳ ଅଫିସ ୪।୧୧

ଦୀପାବଳି ପାଇଁ ଅନୁଗୋଳରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ଅନୁଗୋଳ ଷ୍ଟାଡ଼ିୟମ ସମ୍ମୁଖରେ ବାଣ ଦୋକାନ ଖୋଲିବ। ଏଥିପାଇଁ ୫୭ ଜଣ ଲାଇସେନ୍ସ ଧାରି ଆବେଦନ କରିଛନ୍ତି। ଆବେଦନକାରୀଙ୍କ ନାମ ଚୂଡ଼ାନ୍ତ ହୋଇ ନ ଥିବାବେଳେ ସୋମବାର ଏହାର ନିଷ୍ପତ୍ତି ନିଆଯିବ। ସେହିପରି ଜନବସତି ସ୍ଥାନରୁ ଦୂରରେ ବାଣ ଦୋକାନ ଖୋଲାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଅନୁଗୋଳ ବଜାର ମଧ୍ୟରେ ହେଉଥିବା ଦୋକାନଗୁଡ଼ିକୁ ଚଳିତ ବର୍ଷ ଖୋଲିବାକୁ ଅନୁମତି ପ୍ରଦାନ କରାଯାଇ ନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜନବସତି ଅଞ୍ଚଳରେ କେହି ବାଣ ଦୋକାନ ଖୋଲିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜିଲାବାସୀଙ୍କୁ ସାବଧାନ କରାଯାଇଛି। ଅନ୍ୟପକ୍ଷରେ ଚଳିତବର୍ଷ ସହର ଉପକଣ୍ଠରେ ଥିବା ପଞ୍ଚମହଲା ଠାରେ ବାଣ ଗୋଦାମ ଖୋଲାଯାଇଥିବା ସୂଚନା ମିଳିଛି। ସେହଭଳି ଷ୍ଟାଡ଼ିୟମ ନିକଟରେ ଖୋଲାଯାଉଥିବା ଦୋକାନଗୁଡ଼ିକର ଲାଇସେନ୍ସ ବାବଦକୁ ୩ ହଜାର ୫ଶହ ଟଙ୍କା ରଖାଯାଇଥିବାବେଳେ ଦୋକାନ ପିଛା ଅଢ଼େଇ ହଜାର ଟଙ୍କା ରଖାଯାଇଛି। ଏହି ଅର୍ଥ ରେଡ଼କ୍ରସ ଓ ଅନୁଗୋଳ ତହସିଲ ପାଣ୍ଠିକୁ ଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।






## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

ବଆଁରପାଳ, ୪।୧୧(ଡି.ଏନ୍.ଏ.): ଅନୁଗୋଳ ଜିଲା ନାଲ୍‌କୋ ପୋଲିସ ବଳରାମପ୍ରସାଦ ଅମାନ୍ତପୁର ଅଞ୍ଚଳରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଯୁଗଳ ସାହୁ (୨୫)। କୌଣସି କାରଣକୁ ନେଇ ଯୁଗଳ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଚୋରା ମଦ ଜବତ, ୨ କୋର୍ଟ ଚାଲାଣ

**ଅନୁଗୋଳ ଅଫିସ, ୪।୧୧:** ଅନୁଗୋଳର ପଞ୍ଚାୟତ ଇଣ୍ଡଷ୍ଟ୍ରି ଛକରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ସ୍ଥାନୀୟ ଅଞ୍ଚଳର ଅନିଲ କୁମାର ଲେଙ୍କା(୩୪) ଓ ମଧୁସୂଦନ ନାୟକ(୩୦)ଙ୍କୁ ଗିରଫ କରିଛି। ଭସାଣି ପାଇଁ ମଦ ଦୋକାନ ବନ୍ଦ ଥିବାବେଳେ ପଞ୍ଚାୟତ ଇଣ୍ଡଷ୍ଟ୍ରି ଛକରେ ଉଭୟେ ମଦ ବିକ୍ରି କରୁଥିବା ଜଣାପଡିଛି। ସେମାନଙ୍କ ନିକଟରୁ ୨୩୯ ବୋତଲ ମଦ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ନଂ. ୭୬୨/୧୮ରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ତଦନ୍ତ ଜାରି ଥିବା ଅନୁଗୋଳ ଥାନା ଅଧିକାରୀ କହିଛନ୍ତି।

### ପାଉଁଶ ପରିବହନକୁ ନେଇ ଅସନ୍ତୋଷ

**କଣିହାଁ,୪।୧୧(ଡି.ଏନ.ଏ.):** କଣିହାଁ ବ୍ଲକର ବିଭିନ୍ନ ରାସ୍ତାଦେଇ ଏନ୍‌ଟିପିସି ଆଶପଣ୍ଡ ସମେତ ପ୍ରକଳ୍ପକୁ ପ୍ରତିଦିନ ଶତାଧିକ ଟ୍ରକ ଯୋଗେ ପାଉଁଶ ପରିବହନ ହେଉଛି। ଏଥିଯୋଗୁ ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ସହିତ ବ୍ଲକ, ତହସିଲ, ମେଡ଼ିକାଲ, ବନବିଭାଗ, କୃଷି କାର୍ଯ୍ୟାଳୟ, ଥାନାକୁ ଆସୁଥିବା ଜନସାଧାରଣ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନବେଳା ପାଉଁଶ ପରିବହନ ବନ୍ଦ କରିବା ପାଇଁ ଶନିବାର ଅନେକ ସରପଞ୍ଚ ଓ ସାମାଜିକ କର୍ମୀ କଣିହାଁ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ସରପଞ୍ଚ ଲୋକନାଥ ସାହୁ, ସାମାଜିକ କର୍ମୀ କର୍ଣ୍ଣ ଭୂତିଆ କହିଛନ୍ତି, ଦାବିପତ୍ର ଦିଆଯାଇଛି। ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନ କରାଯିବ।

### ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହେଲେ ଛାତ୍ରୀଛାତ୍ର

**ତାଳଚେର,୪।୧୧(ନି.ପ୍ର):** ତାଳଚେର ବ୍ଲକ ସାଉଥବଲଣ୍ଡାସ୍ଥିତ ନୀଳ କଣ୍ଠେଶ୍ୱର ବିଦ୍ୟାପୀଠ ପକ୍ଷରୁ ଶନିବାର ପ୍ଲାଷ୍ଟିକ, ପଲିଥିନମୁକ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନତା ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ସାଉଥବଲଣ୍ଡା ମାର୍କେଟ୍, କଲୋନୀ ପରିକ୍ରମା କରି ଜନ ସାଧାରଣଙ୍କୁ ସଚେତନ କରାଇଥିଲେ। ଶିକ୍ଷକ ପ୍ରଦୀପ କୁମାର ବଢ଼େଇ, ସିଲାରାଣୀ ପ୍ରଧାନ, ହେମପ୍ରଭା ଦାସ, ପ୍ରଶାନ୍ତ ପଣ୍ଡା, ସରୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ୫୨ ହଜାରରେ ଆଖାଲଡୁ, ୨୧ ହଜାରରେ ଆଖାମାଳି ନିଲାମ

**ଅନୁଗୋଳ ଅଫିସ, ୪।୧୧:** ରନ୍ତଲେଇ ଗ୍ରାମ କୃଷକ ସାହିରେ ଗୁରୁବାର ମା' ଗଜଲକ୍ଷ୍ମୀଙ୍କ ଆଖାଲଡୁ ନିଲାମ କରାଯାଇଥିଲା। ସାହିର ଦୀପକ କୁମାର ବାରିକ ୫୨ ହଜାର ୫୧ ଟଙ୍କାରେ ଏହାକୁ ନିଲାମରେ ନେଇଥିଲେ। ସେହିପରି ସାହିର ଦୁଷ୍ମନ୍ତ କୁମାର ସାହୁ ୨୧ହଜାର ୫୧ ଟଙ୍କାରେ ଆଖାମାଳ ନିଲାମ ଧରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ଶରତ ଚନ୍ଦ୍ର ସାସମଲ ଓ ସମ୍ପାଦକ ଅମୂଲ୍ୟ କୁମାର ବେହେରା, ସରପଞ୍ଚ ପ୍ରମୋଦ ବେହେରା, ନୂଆମୌଜା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବାରିକ ଓ ହାଡ଼ିବନ୍ଧୁ ଦେହୁରୀ, କମଳକାନ୍ତ ଅଗ୍ରୱାଲା, ସୁନୀଲ ସାହୁ, କହ୍ନେଇ ଦାସ, ରମା ସାସମଲ ଓ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। କ୍ଲବ ସଭାପତି ଅଚ୍ୟୁତାନନ୍ଦ ସାହୁ, ଉପସଭାପତି କହ୍ନେଇ ଦାସ, ନିର୍ମଳ ସେନାପତି ଓ ସମ୍ପାଦକ ବାବୁଲା ବିଶ୍ୱାଳଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ବିଜୟୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ୮ରୁ ରାଜ୍ୟସ୍ତରୀୟ ଗୋ-ନବରାତ୍ର ଉତ୍ସବ

**ଅନୁଗୋଳ ଅଫିସ, ୪।୧୧**


ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୁରୀ ଭାଗବତ ଆଶ୍ରମର ସଦସ୍ୟମାନେ।

- ■୧୦ ଦିନ ଚାଲିବ, ୧୭ରେ ପୂର୍ଣ୍ଣାହୁତି
- ■ଶେଷଦିନରେ ଯୋଗଦେବେ ଗଜପତି ମହାରାଜା

ଅନୁଗୋଳ ସ୍ଥିତ ବିଜୁ ମଇଦାନଠାରେ ରାଜ୍ୟସ୍ତରୀୟ ଗୋ-ନବରାତ୍ର ମହୋତ୍ସବ ଓ ଗୋ-ବିଜ୍ଞାନ କର୍ମଶାଳା ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ଏହା ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଯୋଗଦାନ ଚୂଡ଼ାନ୍ତ ହୋଇ ନ ଥିବାବେଳେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଆୟୋଜକଙ୍କ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ଭବନ ଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଆସନ୍ତା ଗୁରୁବାର ଅପରାହ୍ନ ୩ଟାରେ ଏକ ସଂକୀର୍ତ୍ତନ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରରୁ ବାହାରି ନଗର ପରିକ୍ରମା କରିବା ପରେ କାର୍ଯ୍ୟକ୍ରମ ସ୍ଥଳୀରେ ପହଞ୍ଚିବ। ସନ୍ଧ୍ୟା ୫ଟାରେ ଉତ୍ସବ ଉଦ୍‌ଘାଟନ କରାଯିବ। ଏହି ଅବସରରେ ଗୋ-ପୂଜନ, ଗୋ-ଗ୍ରାସ ପ୍ରଦାନ, ଗୋ-ବିଜ୍ଞାନ ଓ ଜୈବିକ କୃଷି କର୍ମଶାଳା ପ୍ରଦର୍ଶନୀ ଓ ପଞ୍ଚ ମହାଯଜ୍ଞ (ନାମଯଜ୍ଞ, ଜପଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ) ଆୟୋଜନ କରାଯିବ। ଏହା ସହିତ ପ୍ରମୁଖ ଗୋ-ବିଜ୍ଞାନୀ ଓ ଜୈବିକ କୃଷି ବିଶେଷଜ୍ଞଙ୍କ ଦ୍ୱାରା ଗୋମୂତ୍ର, ଗୋବରର ଉପକାରିତା, ରାସାୟନିକ ସାର, କୀଟନାଶକ ପ୍ରୟୋଗର ଅପକାରିତା ଆଦି ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଓଡ଼ିଶା ଗୋ-ସେବା ସମିତି ଓ ଅନୁଗୋଳର ଗୋପାଳ ଗୋଶାଳା ପକ୍ଷରୁ ଆୟୋଜନ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅନୁଗୋଳର ମାତୃଶକ୍ତି ଗୋ-ସେବା ସମିତି ଓ ପୁରୀର ଗୁରୁଗୋବିନ୍ଦ ଗୋସେବାଶ୍ରମ ସହଯୋଗ କରୁଛନ୍ତି। ଏମାନଙ୍କ ସହ ଅନୁଗୋଳର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଅଧ୍ୟାତ୍ମିକ ସଙ୍ଗଠନରେ ସାମିଲ ହୋଇଛନ୍ତି। ଆସନ୍ତା ୧୭ ତାରିଖ ପୂର୍ବାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ପୁରୀ ଭାଗବତ ଆଶ୍ରମ ବାବାଜୀ ବ୍ରଜବନ୍ଧୁ ଦାସ ମହାରାଜ, ମୁଖ୍ୟ ସଂଯୋଜକ ଗୋପାଳ ମୁଦ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ।


ନାରୀ ସୁରକ୍ଷା ସମିତି ସଦସ୍ୟାମାନେ କମ୍ବଳ ବଣ୍ଟନ କରୁଛନ୍ତି।

## ୪୦ ଅସହାୟଙ୍କୁ କମ୍ବଳ ବଣ୍ଟନ

**ଛେଣ୍ଡିପଦା,୪।୧୧(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ କତଡାଠାରେ ଥିବା କ୍ଷୀରୋଦ ବାସିନୀ କନ୍ୟାଶ୍ରମଠାରେ ରବିବାର ନାରୀ ସୁରକ୍ଷା ସମିତି ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କନ୍ୟାଶ୍ରମ ସଭାପତି ଶାନ୍ତିଲତା ନାୟକ, ସମ୍ପାଦିକା ସ୍ମିତାରାଣୀ ପଟ୍ଟନାୟକଙ୍କ ନେତୃତ୍ୱରେ କନ୍ୟାଶ୍ରମର ଉଦ୍ୟୋକ୍ତା ସ୍ୱର୍ଗତ ଯଶୋଦା ନନ୍ଦନ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅତିଥି ଭାବେ ଶିକ୍ଷକ ବାମଦେବ ବେହେରା, ପବିତ୍ର ବେହେରା, କଳ୍ପନା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପରେ ୪୦ରୁ ଉର୍ଦ୍ଧ୍ୱ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ନାରୀସୁରକ୍ଷା ସମିତି ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା। କନ୍ୟାଶ୍ରମର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ସ୍ଥାନୀୟ ଜନସାଧାରଣଙ୍କ ସମେତ ନାରୀ ସୁରକ୍ଷା ସମିତିର ଅଞ୍ଜନା ମହାକୁଡ, ଇଲାବତି ପ୍ରଧାନ, ବବିତା ସାହୁ, ବିଳାସିନି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସଂଯୋଜକ ସୁରେଶ ନାୟକ ଧନ୍ୟବାଦ ଦେଇଥିଲେ।

# ବଇଣ୍ଡାକୁ ହରାଇ ସୋଲଣ୍ଡା ଚାମ୍ପିୟନ


ଅତିଥି ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

**ବଇଣ୍ଡା,୪।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ଠାକୁର ଅନୁକୂଳ ଚନ୍ଦ୍ର ଆଶ୍ରମ ନିକଟସ୍ଥ ପଡ଼ିଆରେ ରବିବାର ବିଜୁ ଯୁବ ବାହିନୀ ପକ୍ଷରୁ ଏକ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଟିସିସି ବଇଣ୍ଡା ଓ ସୋଲଣ୍ଡା ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ସୋଲଣ୍ଡା ବ୍ୟାଟିଂ କରି ୭୮ ରନ କରିଥିଲା। ଜବାବରେ ବଇଣ୍ଡା ୫୦ ରନ କରି ପରାସ୍ତ ହୋଇଥିଲା। ବାଳକୃଷ୍ଣ ସ୍ୱାଇଁ ଓ ମହେଶ୍ୱର ସାହୁ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ଜନ୍ମେଜୟ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ଓ ବିଷ୍ଣୁ ଶଙ୍ଖାରୀ ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଗାଁ ବଇଣ୍ଡା ସରପଞ୍ଚ ମାନସ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ କ୍ଲବ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ଯୁଧିଷ୍ଠିର ନାୟକ, ଦୟାନିଧି ସାହୁ, ପରିକ୍ଷିତ ସାହୁ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହେଶ୍ୱର ସାହୁ ସଭାପତିତ୍ୱ କରିଥିବାବେଳେ ସୌରଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଞ୍ଜନ ସାହୁ, ଧୀରେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

## ଦାୟିତ୍ୱ, ଆଚରଣ ଉପରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ

**ଅନୁଗୋଳ ଅଫିସ, ୪।୧୧**

ଅନୁଗୋଳ ସ୍ଥିତ ରୋଟାରି ପବ୍ଲିକ ସ୍କୁଲରେ ଶନିବାର ଏକ ଦିନିକିଆ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରଶିକ୍ଷକ ଭାବେ ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. କମଳା ପ୍ରସାଦ ମହାପାତ୍ର ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବିଶେଷ କରି ବୃତ୍ତିଗତ ଆଚାର ଓ ଦାୟିତ୍ୱବୋଧ ବିଷୟ ଉପରେ ଏହି ଶିବିରରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରୀ ପବ୍ଲିକ ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ନିଖିଲ ରଞ୍ଜନ ମିଶ୍ର, ରୋଟାରିଆନ ଡ. ଧରଣୀଧର ନାଥ, ସୁଧୀନ୍ଦ୍ର ମୋହନ ଜେନା ଓ ନିର୍ମଳ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁରେଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ମନୋରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର



ନାଲ୍‌କୋ ଭିଜିଲାନ୍ସ ବିଭାଗ ତରଫରୁ ରବିବାର ସକାଳେ ଏକ ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଏକ ପଦଯାତ୍ରା ଓ ସାଇକେଲ ଯାତ୍ରା ହୋଇଥିଲା। ଏଥିରେ ନାଲକୋ ଇଡି ରାଜ କିଶୋର ମିଶ୍ର ଓ ମାନବ ସମ୍ବଳ ମହାପ୍ରବନ୍ଧକ ଏସଏନ୍ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।

# ଚାନ୍ଦା ଆଦାୟ, ଏସ୍‌ପିଙ୍କଠାରେ ଅଭିଯୋଗ

**ବଇଣ୍ଡା, ୪।୧୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଠାକୁରଗଡ଼ କଲେଜ, ପାଇକସାହି, ଖଜୁରିଜୁଡ଼ା, କୃତ୍ତିବାସପୁର ଅଞ୍ଚଳରେ କିଛିଦିନ ହେବ ଗୋରୁ ବୋଝେଇ ଗାଡ଼ିଗୁଡ଼ିକରୁ ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଉଛି। ଏ ନେଇ ଠାକୁରଗଡ଼ ଗ୍ରାମବାସୀ ଶନିବାର ଅନୁଗୋଳ ଏସ୍‌ପିଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଆଠମଲ୍ଲିକ, ମାଧପୁର, କୃତ୍ତିବାସପୁର, ବିନିକେଇ ଆଦି ଅଞ୍ଚଳଗୁଡ଼ିକରୁ ପ୍ରତିଦିନ ଭ୍ୟାନ ଓ ଟାଟାଏସିଇ ମାଧ୍ୟମରେ ଗୋରୁ ଅନୁଗୋଳ ତଥା ଜିଲା ବାହାରକୁ ଚାଲାଣ କରାଯାଉଛି। ଠାକୁରଗଡ଼, ପାଇକସାହି ଅଞ୍ଚଳ ଦେଇ ଗୋ-ଚାଲାଣ କରାଯାଉଥିବାବେଳେ କେତେଜଣ ଅସାମାଜିକ ଯୁବକ ଠାକୁରଗଡ଼ରେ ଗୋରୁ ବୋଝେଇ ଗାଡ଼ିଗୁଡ଼ିକକୁ ଅଟକାଇ ଜୋରଜବରଦସ୍ତ ଚାନ୍ଦା ଆଦାୟ କରୁଛନ୍ତି। ପ୍ରତିଦିନ ୫ରୁ ୭ଟି ଗୋରୁ ବୋଝେଇ ଗାଡ଼ିକୁ ଅଟକାଇ ଧମକ ଚମକ ଦେଇ ୨ହଜାର ଟଙ୍କା ଲେଖାଏଁ ଚାନ୍ଦା ଆଦାୟ କରୁଛନ୍ତି। ବାରମ୍ବାର ଏପରି କରାଯାଉଥିଲେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଏପରିକି ସାଧାରଣ ଲୋକେ ସେହି ବାଟ ଦେଇ ଯିବାକୁ ସୁରକ୍ଷିତ ମନେ କରୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ କହିଛନ୍ତି, ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ତୁରନ୍ତ ପଦକ୍ଷେପ ନିଆଯିବ।

## ■ଡିଏଭି କ୍ରୀଡ଼ା ସମାରୋହ ଉଦ୍‌ଯାପିତ

# ଭାଗ ନେଲେ ୫୦ ସ୍କୁଲର ଛାତ୍ରୀଛାତ୍ର



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

**ତାଳଚେର, ୪।୧୧(ନି.ପ୍ର)**

ଏନ୍‌ଟିପିସି ପରିଚାଳନାଧୀନ ଅନୁଗୋଳ ଜିଲା ତାଳଚେର ଥର୍ମାଲ ଶକ୍ତି ଷ୍ଟାଡିୟମଠାରେ ଡିଏଭି ଜୋନ-୧ ଏବଂ ଜୋନ-୨ ସ୍କୁଲ ସମୂହର ୨ ଦିନିଆ କ୍ରୀଡ଼ା ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମାରୋହ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅନିଲ କୁମାର ସାମଲ, ମୁଖ୍ୟବକ୍ତା ଭାବେ ଟିଟିପିଏସ୍ ଜିଜିଏମ ମିଥିଳେଶ ସିଂହ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଡ. କେଶବ ଚନ୍ଦ୍ର ଶତପଥୀ, ଏଲ.ଏନ. ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଡିଏଭି ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ତପସ୍ୱିନୀ ମିଶ୍ର, ଡିଏଭି ଅଧ୍ୟକ୍ଷ ନିଶିକାନ୍ତ କର, ଟିଟିପିଏସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ବୋଷ ଓ ସମସ୍ତ ଡିଏଭି ସ୍କୁଲ ଅଧ୍ୟକ୍ଷ ସହଯୋଗ କରିଥିଲେ। ଏହି କ୍ରୀଡ଼ା ସମାରୋହରେ ୫୦ଟି ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡିଏଭି ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମେଲଣ ପରେ ଅଳିଆରେ ଭର୍ତ୍ତି ଅନୁଗୋଳ

**ଅନୁଗୋଳ ଅଫିସ, ୪।୧୧**

ଅନୁଗୋଳରେ ଧନଦାତ୍ରୀଙ୍କ ପୂଜା ପର୍ବ ଶେଷ ହୋଇଥିବାବେଳେ ସହରବାସୀଙ୍କଠାରୁ ମା' ମେଲାଣି ନେଇସାରିଛନ୍ତି। ହେଲେ ମେଲଣ ପର୍ବ ପରେ ଅନୁଗୋଳ ସହର ଅବସ୍ଥା ବେହାଲ ହୋଇପଡିଛି। ରାସ୍ତାଘାଟରୁ ଆରମ୍ଭ କରି ମେଲଣ ପଡ଼ିଆ, ବସ୍‌ଷ୍ଟାଣ୍ଡ, ବଜାର ଛକ, ସେପଟେ ହରିମହୁରୀ ଛକରୁ ଆରମ୍ଭ କରି ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଅଳିଆ ଆବର୍ଜନା ସହ କୁଢକୁଢ ପଲିଥିନରେ ଭର୍ତ୍ତି ହୋଇଛି। ଭସାଣି ପରେ ସହରର ଏପରି ଅବସ୍ଥା ବିଷୟରେ ଅବଗତ ଥିଲେ ସଫେଇ ପାଇଁ ଅନୁଗୋଳ ପୌରପାଳିକା ପକ୍ଷରୁ ବ୍ୟବସ୍ଥା ନ କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି ସକାଳୁ ଦୋକାନ ଖୋଲିବାକୁ ଆସିଥିବା ବଜାରବାସୀ ଅଳିଆ ଉଠାଇ ଏକାଠି କରୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି, ରବିବାର କର୍ମଚାରୀମାନଙ୍କ ଛୁଟି ଥିବାରୁ ସଫା ହୋଇପାରିନାହିଁ। ସୋମବାର ସହରକୁ ସଫା କରାଯିବ। ଦୀପାବଳି ପରେ ମଧ୍ୟ ସହରକୁ ସଫା କରାଯିବ। ବର୍ତ୍ତମାନ ଟିକେ ସମସ୍ୟା ରହିଛି। ତୁରନ୍ତ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ସେ ପ୍ରକାଶ କରିଛନ୍ତି।

## ■ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ

# ଆର୍‌ପିସିଏ ରାଧାରମଣପଡ଼ା ଚାମ୍ପିୟନ


ପୁରସ୍କାର ବିତରଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ ୪।୧୧**

ଅନୁଗୋଳ ଜିଲା ପୌର ପରିଷଦର ବିଜୁ ଯୁବ ବାହିନୀ (କ୍ଲବିଙ୍ଗ୍ ୮) ତରଫରୁ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ପିଟିସି ପଡ଼ିଆରେ ଖେଳା ଯାଇଥିବା ଏହି ଟୁର୍ନାମେଣ୍ଟରେ ୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ଆର୍‌ପିସିଏ ରାଧାରମଣପଡ଼ା ଓ ମହାବୀର କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଆର୍‌ପିସିଏ ୧୨ ଓଭରରେ ୪୯ ରନ୍ କରିଥିବାବେଳେ ଜବାବରେ ମହାବୀର ଟିମ୍ ୩୨ ରନ କରି ପରାସ୍ତ ହୋଇଥିଲା। ରବିନ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଜୁ ଯୁବ ବାହିନୀ କ୍ଲବିଙ୍ଗ୍ ୮ ତରଫରୁ ସଭାପତି ଅବିନାଶ ପରିଡ଼ା, ସମ୍ପାଦକ ସାଗରିକା ସାହୁ, କୋଷାଧ୍ୟକ୍ଷ ଗଣେଶ୍ୱର ନାଏକ ପ୍ରମୁଖଙ୍କ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ପ୍ରସାଦ ଦ୍ୱିବେଦୀ, ସମ୍ମାନିତ ଅତିଥି ମୂଷାପାପୁଲିର ପିଇଟି ଶିକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ, ଅଜିତ ପ୍ରସାଦ ଦ୍ୱିବେଦୀ, ବିଶ୍ୱ ରଞ୍ଜନ ସାହୁ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥିଲେ। ଯୁବ ବାହିନୀ ସଦସ୍ୟ ଅମରେନ୍ଦ୍ର ସାମଲ, ସୌମ୍ୟରଞ୍ଜନ ସାମଲ, ସିଦ୍ଧାନ୍ତ ସାହୁ, କାହ୍ନା, ମନୋଜ ନାୟକ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚୋରା କୋଇଲା ବୋଝେଇ ଟ୍ରକ ଜବତ, ୨ ଗିରଫ

**ପରଜଙ୍ଗ, ୪।୧୧(ଡି.ଏନ.ଏ.)-** ପରଜଙ୍ଗ ପୋଲିସ ଶନିବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ (ଓଆର ୦୪ ଏଚ୍ ୫୬୫୩) ଜବତ କରିଛି। ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର ଶିଶିର ମଲ୍ଲିକ ଏବଂ ହେଲ୍‌ପର ସୋନାସରକାର ସୋରେନ୍ ଗିରଫ ହୋଇଛନ୍ତି। ଉଭୟଙ୍କ ଘର ଗଁଦିଆ ଥାନା ଅରାଚୁଆ ଗ୍ରାମରେ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଳଚେରରୁ କାମାକ୍ଷାନଗର ଅଞ୍ଚଳକୁ ଉକ୍ତ କୋଇଲା ଚାଲାଣ କରାଯାଉଥିବାବେଳେ ଏସ୍‌ଆଇ ଅନାଦି ଚରଣ ପଟ୍ଟାୟତଙ୍କ ନେତୃତ୍ୱରେ ପରଜଙ୍ଗ ବଜାରରେ ଚଢ଼ାଉ କରାଯାଇଥିଲା। ତାଳଚେର ଅଞ୍ଚଳରୁ ଦୈନିକ ୧୦ରୁ ଊର୍ଦ୍ଧ୍ୱ ଟ୍ରକରେ କୋଇଲା ଚୋରା ଚାଲାଣ କରାଯାଉଛି। ପୋଲିସ ପ୍ରଶାସନ ପକ୍ଷରୁ ଏହାକୁ ରୋକିବା ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ଭୁବନରେ ସରିଲା ଭସାଣି

**ଭୁବନ,୪।୧୧(ଡି.ଏନ.ଏ.)-** ଢେଙ୍କାନାଳ ଜିଲା ଭୁବନରେ ରବିବାର ମା' ଧନଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଶେଷହୋଇଛି। ନୂଆବଜାର, ଲତାବିଲ, ବଡ଼େଇ ସାହି ମେଢ଼ ମିଳିତ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅତ୍ୟାଧୁନିକ ବ୍ରାସ୍‌ବ୍ୟାଣ୍ଡ, ସଂକୀର୍ତ୍ତନମଣ୍ଡଳୀ, ଲଉଡ଼ିବାଡ଼ି ଖେଳର ତାଳେତାଳେ ମା' ଲକ୍ଷ୍ମୀଙ୍କୁ ବିଦାୟ ଦେଇଥିଲେ ଅଞ୍ଚଳବାସୀ। ପୋଲିସ ପ୍ରଶାସନ ଏବଂ ପୂଜା ମଣ୍ଡପ କର୍ମକର୍ତ୍ତା ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଥିଲେ।

### ସାମରିକ କର୍ମଚାରୀଙ୍କ ପୁଣ୍ୟତିଥି ପାଳିତ

**ହିନ୍ଦୋଳ, ୪।୧୧(ଡି.ଏନ.ଏ.)-** ହିନ୍ଦୋଳ ବ୍ଲକ ହାତୁରା ଶିବ ମନ୍ଦିରରେ ଶନିବାର ସାମରିକ କର୍ମଚାରୀ ଶିବାନୀଶଙ୍କର ସାମଲଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଆଧାତ୍ମିକ ପତ୍ରିକା 'ପ୍ରୀତିର ପ୍ରୟାସ' ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ଅଭୟ କୁମାର ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। କୁରୁମିଠା ଗ୍ରାମର ମିନତି ସାମଲଙ୍କ ପୁତ୍ର ହେଉଛନ୍ତି ଶିବାନୀଶଙ୍କର। ସାମରିକ ବିଭାଗରେ କାର୍ଯ୍ୟରତ ଥିବାବେଳେ ୨୦୧୬ ନଭେମ୍ବର ୩ରେ ତାଙ୍କର ଅକାଳ ବିୟୋଗ ହୋଇଯାଇଥିଲା।

### ନିଖୋଜ ଯୁବକଙ୍କ ପତ୍ତା ମିଳୁନି

**ଛେଣ୍ଡିପଦା, ୪।୧୧(ଡି.ଏନ.ଏ.)-** ଅନୁଗୋଳ ଜିଲା ଜରପଡ଼ା ଥାନା ଅଧୀନ ତୁବେ ଗ୍ରାମର ଶିବାନନ୍ଦ ପ୍ରଧାନ (୩୭) ଗତ ୨ ତାରିଖରୁ ନିଖୋଜ ଅଛନ୍ତି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳୁନାହିଁ। ବଡ଼ଭାଇ ସତ୍ୟାନନ୍ଦ ପ୍ରଧାନଙ୍କ ଅଭିଯୋଗପରେ ଏଏସ୍‌ଆଇ ଗଙ୍ଗାଧର ରାଉତ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ଯୁବକଙ୍କ ନିଖୋଜକୁ ନେଇ ପରିବାର ଲୋକେ ଆଶାଆଶଙ୍କାରେ ରହିଛନ୍ତି।


ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଭସାଣି ଶୋଭାଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି।


ଜବାହରଚୌକ ମେଢ଼।


ଲକ୍ଷ୍ମୀବଜାର ମେଢ଼।

# ମା'ଙ୍କୁ ମେଲାଣି

**ଢେଙ୍କାନାଳ ଅଫିସ୍, ୪।୧୧**

- ମିଳିତ ଭସାଣିରେ ସାମିଲ ହେଲେ ୨୫ ମେଢ଼
- ସହରୀ ପରିବେଶରେ ଆଧାତ୍ମିକ ବାତାବରଣ

ସରିଛି ଧନଦାତ୍ରୀଙ୍କ ଆବାହନ। ୧୧ଦିନ ଧରି ମଣ୍ଡପରେ ପୂଜାର୍ଚ୍ଚନା ପରେ ରବିବାର ଅଶ୍ରୁସଜଳ ଆଖିରେ ମହାଲକ୍ଷ୍ମୀଙ୍କୁ ବିଦାୟ ଦେଇଛନ୍ତି ଢେଙ୍କାନାଳବାସୀ। ପାରମ୍ପରିକ ବାଦ୍ୟ, ନୃତ୍ୟ, ସଙ୍ଗୀତ, ସଂକୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇଉଠିଥିବାବେଳେ ମା'ଙ୍କୁ ମେଲାଣି ଦେବାର ଦୃଶ୍ୟ ସୃଷ୍ଟି କରିଥିଲା ଭାବବିହ୍ୱଳ ପରିବେଶ।

ଚଳିତବର୍ଷ ୩୮ ମେଢ଼ ମଧ୍ୟରୁ ୨୫ଟି ମିଳିତ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବାହ୍ନ ୯ଟା ୫ରେ ମିନାବଜାରରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ନଡ଼ିଆ ଭାଙ୍ଗି ଭସାଣି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଉପଜିଲାପାଳ ପୀତାମ୍ବର ସାମଲ, ମିଳିତବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର, ମିନାବଜାର ପୂଜା ପ୍ରତିଷ୍ଠାନର ଅଧକ୍ଷ ପ୍ରଫୁଲ୍ଲ କୁମାର ଭଞ୍ଜ, ସଭାପତି ଲଳିତ କୁମାର ପଟ୍ଟନାୟକ, ସମ୍ପାଦକ ନିରୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପାରମ୍ପରିକ ନିୟମ ଅନୁଯାୟୀ ଶୋଭାଯାତ୍ରାର ସର୍ବାଗ୍ରେ ରହିଥିଲା ଶ୍ରୀମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମିନାବଜାର। ଏହା ପଛକୁ ଥିଲା ଜବାହରଚୌକ। ଏହା ପରେ କ୍ରମିକ ସଂଖ୍ୟା ଅନୁଯାୟୀ ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, କାରିଗର ସାହି, ବାଜିଚୌକ, ପଦ୍ମବଜାର, ଚନ୍ଦନବଜାର, ଗୁଡ଼ିଆନାଳୀ, କୁଞ୍ଜକାନ୍ତ ପ୍ରମୁଖ ପୂଜା ପ୍ରତିଷ୍ଠାନ ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ଆକର୍ଷଣୀୟ ଢଙ୍ଗରେ ସଜ୍ଜିତ ହୋଇଥିବା ମେଢ଼ଗୁଡ଼ିକ ଗଣେଶ ବଜାର, ଶ୍ରୀବଳରାମ ମନ୍ଦିର, ରାଜବାଟୀ ଛକ, ଦୁର୍ଗାବଜାର, ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ରାସ୍ତା ଦେଇ ମହାବୀର ବଜାରକୁ ବାହାରିଥିଲା। ଏହା ପରେ ସହରର ପ୍ରମୁଖ ରାସ୍ତାରେ ବାଜିଚୌକ୍ ଦେଇ କାଠଶଙ୍ଖ ଅଭିମୁଖେ ଯାଇଥିଲା। ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ, ସନ୍ଧ୍ୟା ୬ଟା ସୁଦ୍ଧା ମିନାବଜାର ମେଢ଼ ବାଜିଚୌକ ପାର ହୋଇଥିଲା। ଗୁଡ଼ିଆନାଳୀ, ବସ୍‌ଷ୍ଟାଣ୍ଡ, କଲେଜଛକ, କୁଞ୍ଜକାନ୍ତ ପୂଜା କମିଟି ମେଢ଼ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକରୁ ନିଜ ନିଜ ଅଞ୍ଚଳକୁ ଯାଇଥିଲେ। ସନ୍ଧ୍ୟା ପରେ ଆଲୋକମାଳା ରୋଶଣିରେ ଝଲସି ଉଠିଥିଲା ଶୋଭାଯାତ୍ରା। ବିଳମ୍ବିତ ରାତି ସୁଦ୍ଧା ଗୁଡ଼ିଆନାଳୀ, କଲେଜ ଛକ ଏବଂ କୁଞ୍ଜକାନ୍ତ ମେଢ଼ କୁଞ୍ଜକାନ୍ତ ପୋଖରୀରେ ବିସର୍ଜିତ ହୋଇଛି। ସେହିପରି ରାତି ୯ଟା ୫୭ରେ ମିନାବଜାର ଏବଂ ଏହାପରେ କ୍ରମାନ୍ୱୟରେ ଅନ୍ୟ ମେଢ଼ଗୁଡ଼ିକୁ କାଠଶଙ୍ଖରେ ବିସର୍ଜନ କରାଯାଇଛି। ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ହରେକୃଷ୍ଣ ପ୍ରଧାନ ପ୍ରମୁଖଙ୍କ ସମେତ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷାରେ ମୁତୟନ ହୋଇଥିଲେ।

### କିମିଆ କଲା ପାରମ୍ପରିକ ଲୋକନୃତ୍ୟ

ଆଧୁନିକତାର ଛାପ ମଧ୍ୟରେ ମଳିନ ପଡ଼ିନି ପରମ୍ପରା। ଏହାର ଉତ୍କୃଷ୍ଟ ଉଦାହରଣ ଢେଙ୍କାନାଳ ଲକ୍ଷ୍ମୀପୂଜା, ଯାହାର ଏକାଧିକ ଝଲକ ଦେଖିବାକୁ ମିଳିଥିଲା ଭସାଣି ଉତ୍ସବରେ। ବିଭିନ୍ନ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆମନ୍ତ୍ରିତ ହୋଇ ଆସିଥିବା କଳାକାରମାନେ ପ୍ରଦର୍ଶନ କରିଥିଲେ ଭଳିକି ଭଳି ନୃତ୍ୟ। ମିନାବଜାର ପକ୍ଷରୁ ଘୋଡ଼ାନାଚ, ଘଣ୍ଟବାଦ୍ୟ, ଲକ୍ଷ୍ମୀବଜାର ପକ୍ଷରୁ ଆସାମର ବିହୁ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, କଣ୍ଢେଇ ନୃତ୍ୟ, ଦେବଦାସୀ ନୃତ୍ୟ, କାଞ୍ଚନବଜାର ପକ୍ଷରୁ ମହାରାଷ୍ଟ୍ରର ଢୋଲକ ବାଦ୍ୟ, ଆନନ୍ଦ ବଜାର ପକ୍ଷରୁ ହାଇଦ୍ରାବାଦର ଠାକୁରାଣୀ ନୃତ୍ୟ, ମହାବୀର ବଜାର ପକ୍ଷରୁ କିନ୍ନର ନୃତ୍ୟ ଦର୍ଶକଙ୍କୁ କିମିଆ କରିଥିଲା।

### ରୋମାଞ୍ଚ ଭରିଲା ଶ୍ରୀକାକୁଲମ୍ ବ୍ୟାଣ୍ଡ

ଭସାଣି ଉତ୍ସବରେ ଆକର୍ଷଣ ସାଜିଥିଲା ଶ୍ରୀକାକୁଲମ୍ ବ୍ୟାଣ୍ଡ୍ ପାର୍ଟି। ଓଡ଼ିଆ ଭାଷାକୁ ସହଜରେ ବୁଝି ପାରୁ ନ ଥିବା ଅନୁଷ୍ଠାନର କଳାକାରମାନେ କିନ୍ତୁ ମଜ୍ଜିଯାଇଥିଲେ ଓଡ଼ିଆ ସଙ୍ଗୀତର ଧୁନ୍‌ରେ। କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ସତୁରି, ଅଶୀ ଦଶକର ମନଛୁଆଁ ଗୀତ। ବିଶେଷ କରି ଯାଯାବର ମନମୋର..., ଯାରେ ଭାସି ଭାସିଯା..., ମାଣିକ ଆଲୋ ଆଲୋ ମାଣିକ...କୁ ବେଶ୍ ପ୍ରଶଂସା କରିଥିଲେ ଦର୍ଶକ।

### ପାଦରେ ପାଦ ମିଶାଇ ନାଚିଲେ ସଭିଏ

ମହାଲକ୍ଷ୍ମୀଙ୍କ ଭସାଣିରେ ଏକାକାର ହୋଇ ଉଠିଥିଲେ ଢେଙ୍କାନାଳ ଅଞ୍ଚଳବାସୀ। ସହର ସମେତ ଆଖପାଖ ଅଞ୍ଚଳର ଲକ୍ଷାଧିକ ଲୋକ ସାମିଲ ହୋଇଥିଲେ ମିଳିତ ଭସାଣି ଶୋଭାଯାତ୍ରାରେ। ପାରମ୍ପରିକ ଓ ଆଧୁନିକ ନୃତ୍ୟ ସଙ୍ଗୀତରେ ମସ୍‌ଗୁଲ ହୋଇପଡ଼ିଥିଲେ ସଭିଏଁ। ବ୍ୟାଣ୍ଡପାର୍ଟି ଗୀତ ଓ ବାଦ୍ୟର ତାଳେତାଳେ ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ଯାଏ ସମସ୍ତେ ପାଦରେ ପାଦ ମିଶାଇ ନାଚିଥିଲେ। ଏଥିରୁ ବାଦ୍ ପଡ଼ି ନ ଥିଲେ ସରକାରୀ କର୍ମଚାରୀ, ଯାହା ଭସାଣି ମାହୋଲକୁ କରିଦେଇଥିଲା ବେଶ୍ ଆକର୍ଷଣୀୟ।


ଦେବଦାସୀ ନୃତ୍ୟରେ ନିମଗ୍ନ କଳାକାର।


ପାରମ୍ପରିକ ସମ୍ବଲପୁରୀ ବାଦ୍ୟ।


ହାଇଦ୍ରାବାଦରୁ ଆସିଥିବା ଠାକୁରାଣୀ ନୃତ୍ୟଦଳ।


ମହାରାଷ୍ଟ୍ରର ଢୋଲକ ବାଦ୍ୟ ଦଳ।



ଆସାମର ବିହୁନୃତ୍ୟ।


ଘୋଡ଼ାନାଚ।

## ବାଦ୍ୟବାଜଣାରେ କମ୍ପିଲା କୁଲାଡ଼



**ବଅଁରପାଳ, ୪।୧୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଅନୁଷ୍ଠିତ ଲକ୍ଷ୍ମୀପୂଜା ଭସାଣି ଉତ୍ସବ ରବିବାର ଧୁମ୍‌ଧାମରେ ଶେଷହୋଇଛି। କୁଲାଡ଼ ଛକ ବ୍ରାହ୍ମଣୀଦେବୀ ସାହି, ଫ୍ରେଣ୍ଡ୍‌ସ କ୍ଲବ, ସାହାରା କ୍ଲବ, ପ୍ରିନ୍ସ କ୍ଲବ, ଆଲୁମିନିୟମ୍ ହାଇସ୍କୁଲ, ବଣିକ ସଂଘ ଓ ବାବାସ୍ କ୍ଲବ ପ୍ରମୁଖ ୯ ମେଢ଼ ସାମିଲ ହୋଇଥିଲେ। ଅପରାହ୍ନରେ ବାଦ୍ୟବାଜଣାରେ ସମସ୍ତ ମେଢ଼ ମେନ୍ ଗେଟ୍ ଛକରେ ଏକତ୍ରିତ ହୋଇଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇନିକଟ ପୋଖରୀରେ ବିସର୍ଜନ କରାଯାଇଥିଲା।

**■ ୨ ମାସର ଯାଆଁଳା ଶିଶୁଙ୍କୁ କର୍କଟ**

# ସହାୟତା ଲୋଡ଼ିଲେ ମା'ବାପା

**ଜନ୍ମକୁ ୩ ମାସ ପୂରିନି। ଆଖି ଖୋଲି ଭଲ ଭାବେ ଦୁନିଆକୁ ଦେଖିନାହାନ୍ତି। ହେଲେ ସେମାନଙ୍କ ଶରୀରରେ କାୟାବିସ୍ତାର କରିଛି ମାରାତ୍ମକ କ୍ୟାନ୍‌ସର। ଏକାଥରକେ ଜନ୍ମିତ ଦୁଇ କୋମଳମତି ଶିଶୁ କର୍କଟରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ପରିବାର ଲୋକଙ୍କ ପାଦ ତଳୁ ମାଟି ଖସିଯାଇଛି।**

**ଭୁବନ, ୪।୧୧(ଡି.ଏନ.ଏ.)**

- ଅଗଷ୍ଟ ୧୫ରେ ଜନ୍ମ ହୋଇଥିଲେ
- ଶରୀରରେ ରହିଥିଲା ଘା' ଚିହ୍ନ
- ଉପଜିଲାପାଳ ଦେଲେ ପ୍ରତିଶ୍ରୁତି
- କଟକ ବଡ଼ ଡାକ୍ତରଖାନାରେ ହେବ ଚିକିତ୍ସା

ଅଗଷ୍ଟ ୧୫। ସାରା ଦେଶ ସ୍ୱାଧୀନତା ଦିବସ ପାଳନ କରୁଥିବାବେଳେ ଭୁବନ ବ୍ଲକ ମହୁଲପାଳ ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ପରିବାର ଲାଗି ଏହି ଦିନଟି ବେଶ୍ ଖାସ୍ ହୋଇଯାଇଥିଲା। କାରଣ ଉକ୍ତ ଦିନ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ଗୀତାଞ୍ଜଳି ଜନ୍ମ ଦେଇଥିଲେ ଯମଜ ସନ୍ତାନ। ଏକାସଙ୍ଗରେ ଝିଅପୁଅ ଘରକୁ ଆସିଥିବାରୁ ପରିବାରରେ ଖେଳିଯାଇଥିଲା ଖୁସିର ଲହରି। ହେଲେ ଏହି ଖୁସିକୁ ଯେମିତି ଲାଗିଗଲା କାହାରି ନଜର। ଦିନ କେଇଟାରେ କ୍ୟାନସରରେ ଆକ୍ରାନ୍ତ ହୋଇଗଲେ ଦୁଇ ସନ୍ତାନ। ଏହା ଜଣାପଡ଼ିବା ପରେ ମା'ବାପାଙ୍କ ଆଖିରୁ ନିଦ ହଜିଯାଇଛି। ଗରିବି ବୋଝ ତଳେ ଚାପିହୋଇ ରହିଥିବା ପରିବାର ସଦସ୍ୟ ଏବେ ପିଲାଙ୍କ ଜୀବନ ବଞ୍ଚାଇବାକୁ କରିଛନ୍ତି ଆକୁଳ ନିବେଦନ।

ଲକ୍ଷ୍ମୀଧରଙ୍କ କହିବା କଥା, ଅଗଷ୍ଟ ୧୫ରେ ଭୁବନ ଡାକ୍ତରଖାନାରେ ଏକ ଦିନରେ ଜନ୍ମ ନେଇଥିଲେ ଝିଅ କାବେରୀ ଏବଂ ପୁଅ କୃଷ୍ଣ। ଜନ୍ମ ସମୟରେ ଝିଅ ମୁଣ୍ଡରେ ଏବଂ ପୁଅ ଜଙ୍ଘରେ ଘା' ଚିହ୍ନ ରହିଥିଲା। ପ୍ରଥମେ ଏହାକୁ ଜନ୍ମ ଚିହ୍ନ ବୋଲି ଭାବିନେଇଥିଲେ ପରିବାର ଲୋକେ। ହେଲେ ଧୀରେ ଧୀରେ ଏହା ଯେ ଏକ ଜଟିଳ ରୋଗ, ତାହା ଜାଣିବାକୁ ଆଉ ବାକି ନ ଥିଲା। ଭୁବନ



ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସୁବିଧା ନ ଥିବାରୁ ଡାକ୍ତର ଦୁଇ ଶିଶୁଙ୍କ ଅଧିକ ଚିକିତ୍ସା ଲାଗି ଢେଙ୍କାନାଳ ପଠାଇ ଦେଇଥିଲେ। ସେଠାରେ ମଧ ଠିକ୍ ଭାବେ ରୋଗ ଚିହ୍ନଟ ହୋଇପାରି ନ ଥିଲା। ସେଠାରୁ ଉଭୟଙ୍କୁ କଟକ ପଠାଇ ଦିଆଯାଇଥିଲା। କଟକ ବଡ଼ ମେଡିକାଲରେ ପରୀକ୍ଷା ନିରୀକ୍ଷା ପରେ ଦୁଇ ପିଲା କ୍ୟାନ୍‌ସରରେ ପୀଡ଼ିତ ବୋଲି ସ୍ପଷ୍ଟ ହୋଇଥିଲା। ହେଲେ ଏପରି ଜଟିଳ ରୋଗର ଚିକିତ୍ସା କରାଇବାକୁ ଲକ୍ଷ୍ମୀଧର ଏବଂ ଗୀତାଞ୍ଜଳି ସାହସ ଜୁଟାଇ ପାରି ନ ଥିଲେ। ଚିକିତ୍ସାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ଜାଣିବା ପରେ ଦୁହେଁ ରୋଗଣା ପିଲାଙ୍କୁ ଧରି ଫେରି ଆସିଥିଲେ ଘରକୁ। ଏ ନେଇ ଲୁହ ଛଳଛଳ ଆଖିରେ ଲକ୍ଷ୍ମୀଧର କୁହନ୍ତି, ସେ ଜଣେ ଦିନ ମଜୁରିଆ। ଘରେ ବିଧବା ମା', ସ୍ତ୍ରୀ ଏବଂ ୩ବର୍ଷର ଝିଅ ଅଛନ୍ତି। ଦିନ ସାରା ଖଟିଲେ ପରିବାର ଲୋକଙ୍କ ପେଟକୁ ଦାନା ଯାଏ। ଏବେ ଡାକ୍ତର କହୁଛନ୍ତି ଦୁଇ ଛୋଟ ଝିଅପୁଅଙ୍କୁ କ୍ୟାନ୍‌ସର। ଏଭଳି ରୋଗରେ କେତେ ଟଙ୍କା ଖର୍ଚ୍ଚ ହେବ ତାହାର କିଛି ଠିକ୍ ଠିକଣା ନାହିଁ। ହାତରେ ଯାହା ଥିଲା ଖର୍ଚ୍ଚ କରି ଦେଖାଇଲେ। ଆଉ ସମ୍ବଳ ନାହିଁ, ତେଣିକି ଭଗବାନ ଭରସା ବୋଲି କହି ଭାଗ୍ୟକୁ ନିନ୍ଦୁଛନ୍ତି ଲକ୍ଷ୍ମୀଧର। ଏପରି ଦୁର୍ଦ୍ଦିନରେ ସରପଞ୍ଚ ମମତା ସାହୁ, ସମିତିସଭ୍ୟ ଶତ୍ରୁଘ୍ନ ଜେନା ପରିବାରକୁ ଆଶ୍ୱାସନା ଦେଇଛନ୍ତି। ସେମାନେ ଘଟଣାବଳୀ ସମ୍ପର୍କରେ ଉପଜିଲାପାଳ ଇଂ. ବିଷ୍ଣୁଚରଣ ଆଚାର୍ଯ୍ୟଙ୍କୁ ଫୋନ୍‌ରେ ଅବଗତ କରାଇଛନ୍ତି। କୃଷ୍ଣ, କାବେରୀଙ୍କୁ ଚିକିତ୍ସା ପାଇଁ କଟକ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୮ ଚୋରି ଲାପଟପ୍ ଉଦ୍ଧାର

**ଅନୁଗୋଳ ଅଫିସ, ୪।୧୧:** ଅନୁଗୋଳ ବସ୍ଷ୍ଟାଣ୍ଡରୁ ଚକାଡୋଳା ନାମକ ଏକ ବସ୍‌ରୁ ଭୁବନେଶ୍ୱର ଯାଉଥିବା ସୁବାସ ଶେଖରଙ୍କ ଲାପଟପ୍ ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୋଲିସ ଅଟକ ଥିବା ପୁରୀ ଜିଲା ସାତଶଙ୍ଖ ଶାସନ ଅଞ୍ଚଳର ଗୁରୁଚରଣ ପୁଷ୍ପଲକ(୫୮)ଙ୍କରୁ ପଚରା ଉଚରା ସମୟରେ ମିଳିଥିବା ତଥ୍ୟ ଆଧାରରେ ବିଭିନ୍ନ ସ୍ଥାନରୁ ୮ ଚୋରି ଲାପଟପ୍ ଜବତ କରିଛି। ପୋଲିସ କହିଛି, ଗତ ଅକ୍ଟୋବର ୧ ତାରିଖରେ ଅନୁଗୋଳ ବସଷ୍ଟାଣ୍ଡରୁ ସୁବାସ ଶେଖରଙ୍କ ଲାପ୍‌ଟପ୍ ଚୋରି ଘଟଣା ପରେ ଗୁରୁଚରଣଙ୍କୁ ପଚରା ଉଚରା କରାଯାଇଥିଲା। ସେ କେବଳ ଅନୁଗୋଳ ନୁହେଁ ବାଲେଶ୍ୱର, ଭଦ୍ରକ, କଟକ ଭଳି ରାଜ୍ୟର ବିଭିନ୍ନ ସ୍ଥାନରୁ ଯାତ୍ରୀଙ୍କ ଲାପଟପ୍ ଚୋରି କରିଥିବା ସ୍ୱୀକାର କରିଥିଲେ। ଯାତ୍ରୀମାନଙ୍କ ପାଖରେ ଲାପଟପ୍ ଅଛି କି ନା ତାହା ସେ ଅତି କୌଶଳ କ୍ରମେ ଜାଣିବା ସହ ଚୋରି ପାଇଁ ଯୋଜନା କରୁଥିଲେ ବୋଲି ପୋଲିସ କହିଛି। ଗୁରୁଚରଣଙ୍କଠାରୁ ମିଳିଥିବା ସୂଚନା ମୁତାବକ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ଟି ଲ୍ୟାପଟପ୍ ଜବତ କରିଛି। ତେବେ ଅନ୍ୟ ଲାପ୍‌ଟପ୍‌ଗୁଡ଼ିକ କେଉଁଠି ବିକ୍ରି ହୋଇଛି ସେ ସମ୍ପର୍କରେ ସୂଚନା ମିଳିପାରିନାହିଁ। ଏହା ପୂର୍ବରୁ ମଧ ଲାପଟପ୍ ଚୋରି ଅଭିଯୋଗରେ ଗୁରୁଚରଣ ଭୁବନେଶ୍ୱରର ଝାରପଡ଼ା ଜେଲରେ ଥିବା ପୋଲିସ କହିଛି।

### ଭୁଜାଲି ଆକ୍ରମଣରେ ଜଣେ ଗୁରୁତର

**କଣିହାଁ,୪।୧୧(ଡି.ଏନ.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ରଙ୍ଗବେଡା ଗ୍ରାମର ରବି ସେଠୀଙ୍କୁ ରବିବାର କେତେଜଣ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଏନ୍‌ଟିପିସି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନ୍‌ଟିପିସି ଥାନା ଭାରପ୍ରାପ୍ତ ଅଧିକାରୀ ଶୋଭା ପଟ୍ଟନାୟକ କହିଛନ୍ତି, ଅଭିଯୋଗ ହୋଇନାହିଁ। ରବିଙ୍କୁ ୩ରୁ ଅଧିକ ଯୁବକ ଛୁରା ମାଡ଼ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣାର ତଦନ୍ତ ଜାରି ରହିଛି।

### ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା

**ମାଧପୁର, ୪।୧୧:** ମାଧପୁର ଚୌରାଶି ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ଶନିବାର ଚତୁର୍ଥ ଦିବସ ଥିଲା। ଏହି ଅବସରରେ କଂସ ଦରବାରରେ ଅତିଥି ଭାବେ ଆଠମଲ୍ଲିକ ତହସିଲଦାର ବାସୁଦେବ ମହାପାତ୍ର, ବ୍ଲକ ଉନ୍ନୟନ ଅଧିକାରୀ ରାହାସ ଚନ୍ଦ୍ର ନାୟକ, ମାଧପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବରାଜ ନାୟକ ଯୋଗ ଦେଇଥିଲେ। ଦରବାରରେ କଂସ ମହାରାଜ ଭୂମିକାରେ ଥିବା କଳାକାର ମାଧପୁର ଉଚ୍ଚ ବିଦ୍ୟାଳୟ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କଠାରୁ ପଚାରି ବୁଝିଥିଲେ। ପରେ ମାଧପୁର ବଜାର ଉପକଣ୍ଠରେ ଶୌଚାଳୟ ସ୍ଥାପନ କରା ନ ଯିବାର କାରଣ ସମ୍ପର୍କରେ ବିଡ଼ିଓ ଏବଂ ତହସିଲଦାରଙ୍କୁ ପ୍ରଶ୍ନ କରିଥିଲେ। ଜବାବରେ ଏହାର ସମାଧାନ କରାଯିବ ବୋଲି ଉଭୟେ କଂସ ମହାରାଜଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### ଦୁର୍ଘଟଣାରେ ଜଣେ ଗୁରୁତର

**ଅନୁଗୋଳ ଅଫିସ, ୪।୧୧:** ଅନୁଗୋଳ ସାରଙ୍ଗପୁର ଅଞ୍ଚଳର ଭୀମସେନ ସାହୁ (୫୮) ରବିବାର ହାଟକୁ ପରିବା ନେଇ ଯାଉଥିବା ସମୟରେ ଆମ୍ବିଠି ଠାରେ ଦୁର୍ଘଟଣା ଗ୍ରସ୍ତ ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ସାରଙ୍ଗପୁର ଅଞ୍ଚଳରୁ ଏକ ଅଟୋରେ ପରିବା ଧରି ଭୀମସେନଙ୍କ ସହ ସେହି ଅଞ୍ଚଳର ଗଗନ ସାହୁ ଓ ଭିକନ ସାହୁ ସାତମାଇଲି ହାଟକୁ ଯାଉଥିଲେ। ଆମ୍ବିଠି ଠାରେ ଏକ କୁକୁର ଆଗକୁ ଚାଲି ଆସିବାରୁ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା।

### ବନ୍ଧୁକ ଦେଖାଇ ଲୁଟ୍

**ଅନୁଗୋଳ ଅଫିସ,୪।୧୧:** ଅନୁଗୋଳ ଉପଖଣ୍ଡ କୁଇଓ ଜୋର ଉପରେ ହୋଇଥିବା ନୂଆ ବ୍ରିଜଠାରେ ପ୍ରଭାତ ସାହୁ ନାମକ ଜଣେ ଯୁବକଙ୍କଠାରୁ ରବିବାର ରାତିରେ ଲୁଟ୍ ହୋଇଛି। ଏ ନେଇ ପ୍ରଭାତ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ପ୍ରଭାତ କୁଇଓରୁ ଅନୁଗୋଳ ଅଭିମୁଖେ ଆସୁଥିବା ବେଳେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ତାଙ୍କଠାରୁ ବାଇକ ଓ ମୋବାଇଲ ନେଇଯାଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

■ସମ୍ପୂର୍ଣ୍ଣ ମରୁଡ଼ି ସହାୟତା ଦାବି

# ପୁଣି ରାସ୍ତାକୁ ଓହ୍ଲାଇଲେ ଚାଷୀ

**ପରଜଙ୍ଗ, ୪।୧୧(ଡି.ଏନ.ଏ.)**



ଆନ୍ଦୋଳନରେ ସାମିଲ ହୋଇଥିବା ଚାଷୀମାନେ।

କଷ୍ଟ ସମୟ ପୂରିଲା। ହେଲେ କଥା ରଖିଲାନି କୃଷି ବିଭାଗ। ଏହାର ପ୍ରତିବାଦରେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ପରଜଙ୍ଗ ବ୍ଲକ ପଥରଖମ୍ବ ଗ୍ରାମର ମରୁଡ଼ି କ୍ଷତିଗ୍ରସ୍ତ ଚାଷୀ। ପୂର୍ଣ୍ଣ ମରୁଡ଼ି ସହାୟତା ଦାବିରେ ରବିବାର ସେମାନେ ୫୩ନଂ. ଜାତୀୟ ରାଜପଥର ପଥରଖମ୍ବ ଛକରେ ରାସ୍ତା ଅବରୋଧ କରିଥିଲେ। ସୋମବାର ପ୍ରଶାସନିକସ୍ତରରେ ଆଲୋଚନା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ୪ଟାରେ ରାସ୍ତାରୋକୋ ହଟିଥିଲା।

ସ୍ୱଳ୍ପ ବୃଷ୍ଟିପାତ କାରଣରୁ ଗତବର୍ଷ ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ମରୁଡ଼ି କ୍ଷତିଗ୍ରସ୍ତ ହୋଇଥିଲା। କୃଷି ବିଭାଗ ଅଧିକାରୀମାନେ ଠିକ୍ ଭାବେ ଆକଳନ କରି ନ ଥିବାରୁ ଅଞ୍ଚଳକୁ ମାତ୍ର ୨୬% ମରୁଡ଼ି ଘୋଷଣା କରାଯାଇଥିଲା। ହେଲେ ବସୋଇ, ବଡ଼ଝରା, ଜୟପୁରାକାଟେଣୀ, କାଙ୍କିଳିରେ ଏକା ପରିମାଣର ବର୍ଷା ହୋଇଥିଲେ ସୁଦ୍ଧା ସମ୍ପୃକ୍ତ ପଞ୍ଚାୟତକୁ ୯୦% ମରୁଡ଼ି ଘୋଷଣା କରାଯାଇଛି, ଯାହା କୃଷି ବିଭାଗର ପକ୍ଷପାତିତା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଉପଯୁକ୍ତ କ୍ଷତିପୂରଣ ମିଳିବା ଆଶା ମଉଳି ଯାଇଥିବାରୁ ଏହାର ପ୍ରତିବାଦରେ ଅକ୍ଟୋବର ୪ରେ ଶତାଧିକ ଚାଷୀ ରାସ୍ତାରୋକୋ କରିଥିଲେ। ଏହାର ସମାଧାନ ଲାଗି କାମାକ୍ଷାନଗର କୃଷି ଜିଲା ଅଧିକାରୀ ମାସେ ସମୟ ନେଇଥିଲେ। ହେଲେ କଷ୍ଟ ସମୟସୀମା ମଧ୍ୟରେ କୃଷି ବିଭାଗ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହେବାରୁ ରବିବାର ଚାଷୀମାନେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇଥିବା ନରୋତ୍ତମ ସାହୁ, ଭୀମସେନ ସାହୁ, ପ୍ରକାଶ ବିଶ୍ୱାଳ, ବିନୋଦ ସାହୁ, ତମାଳ ପରିଡ଼ା, ପ୍ରଦୀପ ସାହୁ, ସଞ୍ଜୟ ସାହୁ ପ୍ରମୁଖ କହିଛନ୍ତି।

**ପ୍ରତିଶ୍ରୁତି ରଖିଲାନି କୃଷି ବିଭାଗ**
- ■ଜାତୀୟ ରାଜପଥ ଅବରୋଧ
- ■୭ଘଣ୍ଟା ଅଟକିଲା ଯାତାୟାତ
- ■ଆଜି ପ୍ରଶାସନିକ ଆଲୋଚନା

ଅନ୍ୟପଟେ କୌଣସି କାର୍ଯ୍ୟରେ ପରଜଙ୍ଗ ତହସିଲ କାର୍ଯ୍ୟାଳୟକୁ ଆସିଥିବା ଜିଲାପାଳ ଆନ୍ଦୋଳନ ସମ୍ପର୍କରେ ସୂଚନା ପାଇ ୫ ଚାଷୀଙ୍କୁ ଡାକି ଆଲୋଚନା କରିଥିଲେ। ସୋମବାର ଜିଲା କାର୍ଯ୍ୟାଳୟରେ ରାଜସ୍ୱ ବିଭାଗ, କୃଷି ବିଭାଗ, ଯୋଜନା ବିଭାଗ ସହିତ ଆଲୋଚନା କରି ସମାଧାନର ବାଟ ବାହାର କରାଯିବାର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ କାମାକ୍ଷାନଗର ଏଏସ୍‌ଆଇ ଲିଆଜନ ଖାଁଙ୍କ ନେତୃତ୍ୱରେ ଫୋର୍ସ ମୁତୟନ କରାଯାଇଥିଲା।




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

## ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**ବନ୍ତଲା, ୪।୧୧ (ଡି.ଏନ.ଏ.)**

ଜଙ୍ଗଲ ସୁରକ୍ଷା ଓ ପରିଚାଳନାରେ ବନ ସୁରକ୍ଷା ସମିତିର ସକାରାତ୍ମକ ସହଯୋଗ ଏବଂ ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲହାନି ଜନିତ କ୍ଷତିପୂରଣ ପ୍ରଦାନର ଧାରା ସମ୍ବନ୍ଧରେ ବନ୍ତଲା ବନାଞ୍ଚଳରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମ ଜଙ୍ଗଲ ଯୋଜନାର ୧୦ ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ୯ ବନ ସୁରକ୍ଷା ସମିତି କାର୍ଯ୍ୟନିର୍ବାହୀ କମିଟି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଜଙ୍ଗଲ, ଫସଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ତଥା ସୁପରିଚାଳନା ଠିକ୍ ଭାବେ ହେଉ ନ ଥିବାରୁ ମାନବ ସମାଜ ପ୍ରଭାବିତ ହେଉଛି। ଏଥିଯୋଗୁ ମଣିଷ ଓ ବନ୍ୟପ୍ରାଣୀଙ୍କ ବିବାଦ ବୃଦ୍ଧି ପାଇବା ସହ ମୃତାହତ ସଂଖ୍ୟା ବଢୁଛି। ସେହିପରି ଜନ ସଚେତନତା ଅଭାବରୁ କ୍ଷତିପୂରଣ ରାଶି ମିଳୁଥିଲେ ମଧ ଆଶାନୁରୂପ ସୁଫଳ ମିଳିପାରୁ ନାହିଁ ବୋଲି କର୍ମଶାଳାରେ ଉପସ୍ଥିତ ଅତିଥିମାନେ ଆଲୋଚନା କରିବା ସହିତ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳ ସଭାଗୃହରେ ଆୟୋଜିତ ଏହି କର୍ମଶାଳାରେ ବନାଞ୍ଚଳ ଅଧିକାରୀ ଧନରାଜ ଡି.ଏଚ୍. ଅଧକ୍ଷତା କରିଥିବା ବେଳେ ନିୟୁଜ ଅନୁଷ୍ଠାନର ମୁଖ୍ୟ ପ୍ରସନ୍ନ କୁମାର ବେହେରା, ଡେପୁଟି ରେଞ୍ଜର ଶରତ କୁମାର ମହାପାତ୍ର, ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର ବିଜୟ କୁମାର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଜଙ୍ଗଲ ସୁରକ୍ଷାରେ ବନ ସୁରକ୍ଷା ସମିତିର ଥିବା ଦାୟିତ୍ୱ ଓ କର୍ତ୍ତବ୍ୟ, ବନ୍ୟପ୍ରାଣୀ ଉପଦ୍ରବ ଏବଂ ଏହାର ନିରାକରଣ ପାଇଁ ଜ୍ଞାନ କୌଶଳର ପ୍ରୟୋଗ, ଧନଜୀବନ ହାନି ନିମନ୍ତେ ମିଳୁଥିବା କ୍ଷତିପୂରଣ ରାଶି ପାଇବା ପାଇଁ ବିଭିନ୍ନ ସୋପାନ ଓ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ନିୟୁଜ ଅନୁଷ୍ଠାନର ବିକାଶ ଅଧିକାରୀ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା, ମହେଶ ବେହେରା ସହଯୋଗ କରିଥିଲେ।

# ଯୁବ ସମାଜ ନିଶାଠାରୁ ଦୂରେଇ ରୁହନ୍ତୁ

**ଛେଣ୍ଡିପଦା,୪।୧୧(ଡି.ଏନ.ଏ.)**



ଆଲୋଚନା ଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଡିଗ୍ରୀ କଲେଜଠାରେ ଶନିବାର ରାଜ ସଂସ୍କାର କମିଟି ତୁକୁଡା ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ନିଶା ନିବାରଣ ସଂକ୍ରାନ୍ତୀୟ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷା ଡ. ସୁଷମା ପ୍ରଧାନଙ୍କ ପୌରୋହିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ନବ ଜୀବନ ମଣ୍ଡଳ ସମ୍ପାଦକ ମୁରଲୀଧର ମୁଳିଆ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ ଯୁବ ଶକ୍ତି ସଙ୍ଗଠନ ସଭାପତି ବ୍ରହ୍ମଜ୍ୟୋତି ମିଶ୍ର, ସମ୍ମାନିତ ଅତିଥି ଭାବେ ମହିଳା ମଞ୍ଚ ଅନୁଗୋଳ ନାରୀ ନେତ୍ରୀ ଶାନ୍ତିଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନିଶା କବଳରୁ ଆଜିର ଯୁବ ସମାଜ ନିବୃତ୍ତ ରହି ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ରାଜ ସଂସ୍କାର କମିଟି ସମ୍ପାଦକ ଶକ୍ତିକାନ୍ତ ଦେହୁରୀ, ସଭ୍ୟ ବିଶ୍ୱଜିତ ସାହୁ ତଥା ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଂରାଜୀ ଅଧାପକ ଜଗବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।

## ଦୁର୍ନୀତି ନିବାରଣ ବକ୍ତୃତା ପ୍ରତିଯୋଗିତା

**ଛେଣ୍ଡିପଦା,୪।୧୧(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଦୁର୍ନୀତି ନିବାରଣ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଛେଣ୍ଡିପଦା ଶାଖା ପକ୍ଷରୁ ଆୟୋଜିତ ଏହି ବକୃତା ପ୍ରତିଯୋଗିତାରେ ୪୭ ଜଣ ଛାତ୍ରୀଛାତ୍ର ଅଶଂଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଦିବ୍ୟାଶୁଂ ଗଡ଼ନାୟକ ପ୍ରଥମ, ସୁଧାଂଶୁ ଶେଖର ସାହୁ ଦ୍ୱିତୀୟ, ପ୍ରିୟରଞ୍ଜନ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଶାଖା ପରିଚାଳକ ପ୍ରତାପ ପ୍ରଧାନ ପୁରସ୍କାର ବଣ୍ଟନ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥଙ୍କ ସମେତ ସମସ୍ତ ଗୁରମାଗୁରୁଜୀ ସହଯୋଗ କରିଥିଲେ।

# ତାଳପଦା ଚାମ୍ପିୟନ



ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**ପବିତ୍ରନଗର, ୪।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲଠାରେ ରବିବାର ଏକ ଦିବସୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚ ତାଳପଦା ଏବଂ ସମଲ ମଧ୍ୟରେ ଖେଳାଯାଇଥିଲା। ଏଥିରେ ତାଳପଦା ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମହେଶ ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଭାଗୀରଥି ବିଶ୍ୱାଳ, ବୁଦ୍ଧଦେବ ପ୍ରଧାନ, ଶୁଭ୍ରାଂଶୁ ବେହେରା ପରିଚାଳନା କରିଥିଲେ। ଆଞ୍ଚଳିକ ଖେଳକୁଦ କେନ୍ଦ୍ର ସମଲର ସଭାପତି ଅନାଥବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ପୂର୍ବତନ ରାଜ୍ୟସ୍ତରୀୟ କବାଡ଼ି କ୍ରୀଡ଼ାବିତ୍ ବୁଦ୍ଧିମନ୍ତ ସାହୁ, ବିଜେଡି ନେତା ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ଅସହାୟ ଅବସ୍ଥାରେ ପଡ଼ିରହିଥିଲା ମୃତଦେହ

# କାନ୍ଧ ଦେଲେ ଯୁବବାହିନୀ କର୍ମକର୍ତ୍ତା



ବିଜୁ ଯୁବବାହିନୀ କର୍ମକର୍ତ୍ତାମାନେ ମୃତଦେହ ଶ୍ମଶାନକୁ ନେଉଛନ୍ତି।

**ପରଜଙ୍ଗ, ୪।୧୧(ଡି.ଏନ୍.ଏ.)**

ଅସହାୟ ଅବସ୍ଥାରେ ପଡ଼ି ରହିଥିଲା ଯୁବତୀଙ୍କ ମୃତଦେହ। ଆଖପାଖରେ ବନ୍ଧୁ ପରିଜନ କେହି ନ ଥିବାରୁ ଶବ ସତ୍କାର କେମିତି ହେବ ସେହି ଚିନ୍ତାରେ ରହିଥିଲେ ସଭିଏଁ। ଏପରି ଦୁଃସମୟରେ ସହାୟତାର ହାତ ବଢ଼ାଇଲେ ବିଜୁ ଯୁବବାହିନୀ କର୍ମକର୍ତ୍ତା। ମୃତଦେହକୁ କାନ୍ଧ ଦେଇ ସେମାନେ ସୃଷ୍ଟିକଲେ ଭିନ୍ନ ଉଦାହରଣ।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ବସନ୍ତପଡ଼ା ଗ୍ରାମରେ ରୁହନ୍ତି ଅଲେଖ ସାହୁ। ତାଙ୍କ ପୈତୃକ ଘର ରୋଡ ଗ୍ରାମରେ। ଅଲେଖଙ୍କ ୩ ଝିଅ ମଧ୍ୟରୁ ବଡ଼ ଏବଂ ସାନ ଅବିବାହିତା। ବଡ଼ ଝିଅ କୁମରି ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗ୍ରାମରେ କେହି ନିକଟ ସମ୍ପର୍କୀୟ ନ ଥିବାରୁ ଦୀର୍ଘ ସମୟ ଯାଏ ମୃତଦେହ ପଡ଼ିରହିଥିଲା। ଏ ସମ୍ପର୍କରେ ସୂଚନା ପାଇ ଯୁବ ବାହିନୀ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଅଲେଖଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟାରେ ଯୁବବାହିନୀ କର୍ମକର୍ତ୍ତାଙ୍କ ସହାୟତାରେ କୁମରିଙ୍କ ଶେଷକୃତ୍ୟ କରାଯାଇଛି।

ଝିଅଙ୍କ ଶେଷକୃତ୍ୟ ଲାଗି ସହାୟତାର ହାତ ବଢ଼ାଇଥିବାରୁ ଅଲେଖ ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପଟେ ଆଗାମୀ ଦିନରେ ଏପରି ସଂସ୍କାରମୂଳକ ଜନହିତକର କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଜେଡି ନେତା ଯୁଗଳ ସାହୁ କହିଛନ୍ତି। ଯୁବବାହିନୀ ସଭାପତି ରାଜେନ୍ଦ୍ର କୁମାର ଧର, ସମ୍ପାଦକ ସୁନୀଲ ବେହେରା ପ୍ରମୁଖ ଏଥିରେ ସହାୟତା କରିଥିଲେ।

## ଶ୍ୟାମାକାଳୀ ପୂଜାର ବ୍ୟାପକ ପ୍ରସ୍ତୁତି

**ତାଳଚେର, ୪।୧୧(ନି.ପ୍ର.)**

ଆସନ୍ତା ୬ ତାରିଖରୁ ମା' ଶ୍ୟାମାକାଳୀଙ୍କ ପୂଜା ନଟରାଜ ଓ ନନ୍ଦିରା ଭୂତଳ କୋଇଲା ଖଣିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ପୂଜାକୁ ଆଡମ୍ବରରେ ପାଳନ ପାଇଁ ଏମ୍‌ସିଏଲ୍ ନନ୍ଦିରା କାଳୀମଣ୍ଡପରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ମୂର୍ତ୍ତି କାମ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ୭୫ ଫୁଟ ଲମ୍ବର ଆକର୍ଷଣୀୟ ତୋରଣର ନିର୍ମାଣ କାର୍ଯ୍ୟ ଚାଲିଛି। ଏହା ସହିତ ଅତ୍ୟାଧୁନିକ ଏଲ୍‌ଇଡି ଲାଇଟ ଖଞ୍ଜା ଗେଟ୍ ସହ ମିନାବଜାର, ନାନା ରକମର ଦୋଳି ପୂଜାର ଅନ୍ୟତମ ଆକର୍ଷଣ ହେବ ବୋଲି ଆୟୋଜକମାନଙ୍କ ପକ୍ଷରୁ କୁହାଯାଇଛି। ମନୋରଞ୍ଜନ ପାଇଁ ୪ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ୧୧ରେ ମା' ଙ୍କ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ପୂଜାକୁ ଶୃଙ୍ଖଳିତ କରିବା ପାଇଁ ନନ୍ଦିରା କାଳୀପୂଜା କମିଟିର ସଭାପତି ଏସ୍.କେ. ମହାନ୍ତି, ସମ୍ପାଦକ ଏମ୍. ଦୁବେ, କାର୍ଯ୍ୟକାରୀ ସମ୍ପାଦକ ଡି. ମହାନ୍ତିଙ୍କ ସହ ସମସ୍ତ କର୍ମକର୍ତ୍ତାଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଅନୁରୋଧ କରାଯାଇଛି। ମା' କାଳୀଙ୍କ ପୂଜା ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସୂଚାରୁ ରୂପେ ପାଳିତ ହୋଇଆସୁଛି। ଶିଳ୍ପାଞ୍ଚଳ ତାଳଚେରରେ ନନ୍ଦିରା ଭୂତଳ କୋଇଲା ଖଣି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ପୂଜା କମିଟିର ସଦସ୍ୟମାନେ ପ୍ରକାଶ କରିଛନ୍ତି।

■ମଉଡ଼ମଣି ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

# 'ପୂଜ୍ୟପୂଜାଙ୍କୁ ଗୁରୁତ୍ୱ ଦେଲେ ଉନ୍ନତି ସମ୍ଭବ'



ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିବିଶେଷ।

**ଭୁବନ, ୪।୧୧(ଡି.ଏନ.ଏ.)**

ଭୁବନ ବଡ଼ହାଟସ୍ଥିତ ମଉଡ଼ମଣି ମହାଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠାନର ହୀରକ ଜୟନ୍ତୀ ଅବସରରେ ଶନିବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଜି ରାଉତ ସ୍ମୃତି କଲେଜ ଅଧକ୍ଷ ଡ. କିଶୋର ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପୂଜ୍ୟପୂଜା ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ଏହାକୁ ଗୁରୁତ୍ୱ ଦେଲେ ସମସ୍ତଙ୍କ ଉନ୍ନତି ହୋଇପାରିବ।

ମୁଖ୍ୟବକ୍ତା ଭାବେ ଆର୍ଯ୍ୟକବି ଡ. ପ୍ରମୋଦ କୁମାର ମିଶ୍ର, ସମ୍ମାନିତ ଅତିଥି ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ କାଳିନ୍ଦୀଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ସାଧାରଣ ସଭାରେ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ବିପିନବିହାରୀ ସେଠୀ ଅଧକ୍ଷତା କରିଥିଲେ। ଏହି ଅବସରରେ ବିଶ୍ୱନାଥ ଅଗ୍ରୱାଲ୍, ବାସୁଦେବ ବେହେରା, ପଦ୍ମନାଭ ବେହେରା, ଭରତ ଚନ୍ଦ୍ର ପୃଷ୍ଟି, ମଙ୍ଗୁଳି ଚରଣ ସାହୁ, ଭଗବାନ ଗୁରୁ, ଜ୍ଞାନରଞ୍ଜନ ସାହୁ, ଜ୍ୟୋତିରଞ୍ଜନ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମା'ଙ୍କ ସେବାରେ ନିୟୋଜିତ ହୋଇଥିବା ଗଦାଧର ସାହୁ, ମାୟାଧର ସାହୁ, ମୂର୍ତ୍ତି କାରିଗର ପୁରୁଷୋତ୍ତମ ସାହୁ, ଛାୟାକାନ୍ତ ସାହୁଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

ପ୍ରତିଷ୍ଠାନ ପକ୍ଷରୁ କୁନିକୁନି କଳାକାରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବରିଷ୍ଠ ବିଭାଗରେ ପ୍ରଣବ ଷଣ୍ଢ, ଲିଜାରାଣୀ ବେହେରା, ଶୁଭସୁହାସିନୀ ଦାସ ଏବଂ କନିଷ୍ଠ ବିଭାଗରେ ଶ୍ରୀୟାଂଶୁ ଶୁଭଲକ୍ଷ୍ମୀ, ଶ୍ରେୟାସୋହାନୀ ସାହୁ, ପ୍ରିୟାଂଶୁ ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ। ଭଗବାନ ଗୁରୁ, ନାରାୟଣ ସାହୁ ଏବଂ ସୁରେଶ ଦାସ ବିଚାରକ ଦାୟିତ୍ୱ ତୁଲାଇଥିବାବେଳେ ସମସ୍ତ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଚୋରା କୋଇଲା ବୋଝେଇ ଟ୍ରକ ଜବତ, ୨ ଗିରଫ

ପରଜଙ୍ଗ, ୪।୧୧(ଡି.ଏନ.ଏ.)- ପରଜଙ୍ଗ ପୋଲିସ ଶନିବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ (ଓଆର ୦୪ ଏଚ୍ ୫୬୫୩) ଜବତ କରିଛି। ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର ଶିଶିର ମଲ୍ଲିକ ଏବଂ ହେଲ୍‌ପର ସୋନାସରକାର ସୋରେନ୍ ଗିରଫ ହୋଇଛନ୍ତି। ଉଭୟଙ୍କ ଘର ଗଁଦିଆ ଥାନା ଅରାଚୁଆ ଗ୍ରାମରେ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଳଚେରରୁ କାମାକ୍ଷାନଗର ଅଞ୍ଚଳକୁ ଉକ୍ତ କୋଇଲା ଚାଲାଣ କରାଯାଉଥିବାବେଳେ ଏସ୍‌ଆଇ ଅନାଦି ଚରଣ ପଟ୍ଟାୟତଙ୍କ ନେତୃତ୍ୱରେ ପରଜଙ୍ଗ ବଜାରରେ ଚଢ଼ାଉ କରାଯାଇଥିଲା। ତାଳଚେର ଅଞ୍ଚଳରୁ ଦୈନିକ ୧୦ରୁ ଊର୍ଦ୍ଧ୍ୱ ଟ୍ରକରେ କୋଇଲା ଚୋରା ଚାଲାଣ କରାଯାଉଛି। ପୋଲିସ ପ୍ରଶାସନ ପକ୍ଷରୁ ଏହାକୁ ରୋକିବା ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ଭୁବନରେ ସରିଲା ଭସାଣି

ଭୁବନ,୪।୧୧(ଡି.ଏନ.ଏ.)- ଢେଙ୍କାନାଳ ଜିଲା ଭୁବନରେ ରବିବାର ମା' ଧନଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଶେଷହୋଇଛି। ନୂଆବଜାର, ଲତାବିଲ, ବଢ଼େଇ ସାହି ମେଢ଼ ମିଳିତ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅତ୍ୟାଧୁନିକ ବ୍ରାସ୍‌ବ୍ୟାଣ୍ଡ, ସଂକୀର୍ତ୍ତନମଣ୍ଡଳୀ, ଲଉଡ଼ିବାଡ଼ି ଖେଳର ତାଳେତାଳେ ମା' ଲକ୍ଷ୍ମୀଙ୍କୁ ବିଦାୟ ଦେଇଥିଲେ ଅଞ୍ଚଳବାସୀ। ପୋଲିସ ପ୍ରଶାସନ ଏବଂ ପୂଜା ମଣ୍ଡପ କର୍ମକର୍ତ୍ତା ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଥିଲେ।

### ସାମରିକ କର୍ମଚାରୀଙ୍କ ପୁଣ୍ୟତିଥି ପାଳିତ

ହିନ୍ଦୋଳ, ୪।୧୧(ଡି.ଏନ.ଏ.)- ହିନ୍ଦୋଳ ବ୍ଲକ ହାତୁରା ଶିବ ମନ୍ଦିରରେ ଶନିବାର ସାମରିକ କର୍ମଚାରୀ ଶିବାନୀଶଙ୍କର ସାମଲଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଆଧାତ୍ମିକ ପତ୍ରିକା 'ପ୍ରୀତିର ପ୍ରୟାସ' ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ଅଭୟ କୁମାର ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। କୁରୁମିଠା ଗ୍ରାମର ମିନତି ସାମଲଙ୍କ ପୁତ୍ର ହେଉଛନ୍ତି ଶିବାନୀଶଙ୍କର। ସାମରିକ ବିଭାଗରେ କାର୍ଯ୍ୟରତ ଥିବାବେଳେ ୨୦୧୬ ନଭେମ୍ବର ୩ରେ ତାଙ୍କର ଅକାଳ ବିୟୋଗ ହୋଇଯାଇଥିଲା।

### ନିଖୋଜ ଯୁବକଙ୍କ ପତ୍ତା ମିଳୁନି

ଛେଣ୍ଡିପଦା, ୪।୧୧(ଡି.ଏନ.ଏ.)- ଅନୁଗୋଳ ଜିଲା ଜରପଡ଼ା ଥାନା ଅଧୀନ ତୁବେ ଗ୍ରାମର ଶିବାନନ୍ଦ ପ୍ରଧାନ (୩୭) ଗତ ୨ ତାରିଖରୁ ନିଖୋଜ ଅଛନ୍ତି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳୁନାହିଁ। ବଡ଼ଭାଇ ସତ୍ୟାନନ୍ଦ ପ୍ରଧାନଙ୍କ ଅଭିଯୋଗପରେ ଏଏସ୍‌ଆଇ ଗଙ୍ଗାଧର ରାଉତ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ଯୁବକଙ୍କ ନିଖୋଜକୁ ନେଇ ପରିବାର ଲୋକେ ଆଶାଆଶଙ୍କାରେ ରହିଛନ୍ତି ।


ଜିଲାପାଳ ନିଖିଳ ପଠ୍ୱନ କଲ୍ୟାଣ ଭସାଣି ଶୋଭାଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି।


ଜବାହରଚୌକ ମେଢ଼।


ଲକ୍ଷ୍ମୀବଜାର ମେଢ଼।

# ମା'ଙ୍କୁ ମେଲାଣି

ଢେଙ୍କାନାଳ ଅଫିସ୍, ୪।୧୧

- ମିଳିତ ଭସାଣିରେ ସାମିଲ ହେଲେ ୨୫ ମେଢ଼
- ସହରୀ ପରିବେଶରେ ଆଧାତ୍ମିକ ବାତାବରଣ

ସରିଛି ଧନଦାତ୍ରୀଙ୍କ ଆବାହନ। ୧୧ଦିନ ଧରି ମଣ୍ଡପରେ ପୂଜାର୍ଚ୍ଚନା ପରେ ରବିବାର ଅଶ୍ରୁସଜଳ ଆଖିରେ ମହାଲକ୍ଷ୍ମୀଙ୍କୁ ବିଦାୟ ଦେଇଛନ୍ତି ଢେଙ୍କାନାଳବାସୀ। ପାରମ୍ପରିକ ବାଦ୍ୟ, ନୃତ୍ୟ, ସଙ୍ଗୀତ, ସଂକୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇଉଠିଥିବାବେଳେ ମା'ଙ୍କୁ ମେଲାଣି ଦେବାର ଦୃଶ୍ୟ ସୃଷ୍ଟି କରିଥିଲା ଭାବବିହ୍ୱଳ ପରିବେଶ।

ଚଳିତବର୍ଷ ୩୮ ମେଢ଼ ମଧ୍ୟରୁ ୨୫ଟି ମିଳିତ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବାହ୍ନ ୯ଟା ୫ରେ ମିନାବଜାରରେ ଜିଲାପାଳ ନିଖିଳ ପଠ୍ୱନ କଲ୍ୟାଣ ନଡ଼ିଆ ଭାଙ୍ଗି ଭସାଣି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଉପଜିଲାପାଳ ପୀତାମ୍ବର ସାମଲ, ମିଳିତବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର, ମିନାବଜାର ପୂଜା ପ୍ରତିଷ୍ଠାନର ଅଧକ୍ଷ ପ୍ରଫୁଲ୍ଲ କୁମାର ଭଞ୍ଜ, ସଭାପତି ଲଳିତ କୁମାର ପଟ୍ଟନାୟକ, ସମ୍ପାଦକ ନିରୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପାରମ୍ପରିକ ନିୟମ ଅନୁଯାୟୀ ଶୋଭାଯାତ୍ରାର ସର୍ବାଗ୍ରେ ରହିଥିଲା ଶ୍ରୀମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମିନାବଜାର। ଏହା ପଛକୁ ଥିଲା ଜବାହରଚୌକ। ଏହା ପରେ କ୍ରମିକ ସଂଖ୍ୟା ଅନୁଯାୟୀ ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, କାରିଗର ସାହି, ବାଜିଚୌକ, ପଦ୍ମବଜାର, ଚନ୍ଦନବଜାର, ଗୁଡିଆନାଳୀ, କୁଞ୍ଜକାନ୍ତ ପ୍ରମୁଖ ପୂଜା ପ୍ରତିଷ୍ଠାନ ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ଆକର୍ଷଣୀୟ ଢଙ୍ଗରେ ସଜ୍ଜିତ ହୋଇଥିବା ମେଢ଼ଗୁଡ଼ିକ ଗଣେଶ ବଜାର, ଶ୍ରୀବଳରାମ ମନ୍ଦିର, ରାଜବାଟୀ ଛକ, ଦୁର୍ଗାବଜାର, ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ରାସ୍ତା ଦେଇ ମହାବୀର ବଜାରକୁ ବାହାରିଥିଲା। ଏହା ପରେ ସହରର ପ୍ରମୁଖ ରାସ୍ତାରେ ବାଜିଚୌକ୍ ଦେଇ କାଠଶଙ୍ଖ ଅଭିମୁଖେ ଯାଇଥିଲା। ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ, ସନ୍ଧ୍ୟା ୬ଟା ସୁଦ୍ଧା ମିନାବଜାର ମେଢ଼ ବାଜିଚୌକ ପାର ହୋଇଥିଲା। ଗୁଡ଼ିଆନାଳୀ, ବସ୍‌ଷ୍ଟାଣ୍ଡ, କଲେଜଛକ, କୁଞ୍ଜକାନ୍ତ ପୂଜା କମିଟି ମେଢ଼ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକରୁ ନିଜ ନିଜ ଅଞ୍ଚଳକୁ ଯାଇଥିଲେ। ସନ୍ଧ୍ୟା ପରେ ଆଲୋକମାଳା ରୋଶଣିରେ ଝଲସି ଉଠିଥିଲା ଶୋଭାଯାତ୍ରା। ବିଳମ୍ବିତ ରାତି ସୁଦ୍ଧା ଗୁଡ଼ିଆନାଳୀ, କଲେଜ ଛକ ଏବଂ କୁଞ୍ଜକାନ୍ତ ମେଢ଼ କୁଞ୍ଜକାନ୍ତ ପୋଖରୀରେ ବିସର୍ଜିତ ହୋଇଛି। ସେହିପରି ରାତି ୯ଟା ୫୭ରେ ମିନାବଜାର ଏବଂ ଏହାପରେ କ୍ରମାନ୍ୱୟରେ ଅନ୍ୟ ମେଢ଼ଗୁଡ଼ିକୁ କାଠଶଙ୍ଖରେ ବିସର୍ଜନ କରାଯାଇଛି। ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ହରେକୃଷ୍ଣ ପ୍ରଧାନ ପ୍ରମୁଖଙ୍କ ସମେତ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷାରେ ମୁତୟନ ହୋଇଥିଲେ।

### କିମିଆ କଲା ପାରମ୍ପରିକ ଲୋକନୃତ୍ୟ

ଆଧୁନିକତାର ଛାପ ମଧ୍ୟରେ ମଳିନ ପଡ଼ିନି ପରମ୍ପରା। ଏହାର ଉତ୍କୃଷ୍ଟ ଉଦାହରଣ ଢେଙ୍କାନାଳ ଲକ୍ଷ୍ମୀପୂଜା, ଯାହାର ଏକାଧିକ ଝଲକ ଦେଖିବାକୁ ମିଳିଥିଲା ଭସାଣି ଉତ୍ସବରେ। ବିଭିନ୍ନ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆମନ୍ତ୍ରିତ ହୋଇ ଆସିଥିବା କଳାକାରମାନେ ପ୍ରଦର୍ଶନ କରିଥିଲେ ଭଳିକି ଭଳି ନୃତ୍ୟ। ମିନାବଜାର ପକ୍ଷରୁ ଘୋଡ଼ାନାଚ, ଘଣ୍ଟବାଦ୍ୟ, ଲକ୍ଷ୍ମୀବଜାର ପକ୍ଷରୁ ଆସାମର ବିହୁ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, କଣ୍ଢେଇ ନୃତ୍ୟ, ଦେବଦାସୀ ନୃତ୍ୟ, କାଞ୍ଚନବଜାର ପକ୍ଷରୁ ମହାରାଷ୍ଟ୍ରର ଢୋଲକ ବାଦ୍ୟ, ଆନନ୍ଦ ବଜାର ପକ୍ଷରୁ ହାଇଦ୍ରାବାଦର ଠାକୁରାଣୀ ନୃତ୍ୟ, ମହାବୀର ବଜାର ପକ୍ଷରୁ କିନ୍ନର ନୃତ୍ୟ ଦର୍ଶକଙ୍କୁ କିମିଆ କରିଥିଲା।

### ରୋମାଞ୍ଚ ଭରିଲା ଶ୍ରୀକାକୁଲମ୍ ବ୍ୟାଣ୍ଡ

ଭସାଣି ଉତ୍ସବରେ ଆକର୍ଷଣ ସାଜିଥିଲା ଶ୍ରୀକାକୁଲମ୍ ବ୍ୟାଣ୍ଡ ପାର୍ଟି। ଓଡ଼ିଆ ଭାଷାକୁ ସହଜରେ ବୁଝି ପାରୁ ନ ଥିବା ଅନୁଷ୍ଠାନର କଳାକାରମାନେ କିନ୍ତୁ ମଜିଯାଇଥିଲେ ଓଡ଼ିଆ ସଙ୍ଗୀତର ଧୁନ୍‌ରେ। କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ସତୁରି, ଅଶୀ ଦଶକର ମନଛୁଆଁ ଗୀତ। ବିଶେଷ କରି ଯାଯାବର ମନମୋର..., ଯାରେ ଭାସି ଭାସିଯା..., ମାଣିକ ଆଲୋ ଆଲୋ ମାଣିକ...କୁ ବେଶ୍ ପ୍ରଶଂସା କରିଥିଲେ ଦର୍ଶକ।

### ପାଦରେ ପାଦ ମିଶାଇ ନାଚିଲେ ସଭିଏ

ମହାଲକ୍ଷ୍ମୀଙ୍କ ଭସାଣିରେ ଏକାକାର ହୋଇ ଉଠିଥିଲେ ଢେଙ୍କାନାଳ ଅଞ୍ଚଳବାସୀ। ସହର ସମେତ ଆଖପାଖ ଅଞ୍ଚଳର ଲକ୍ଷାଧିକ ଲୋକ ସାମିଲ ହୋଇଥିଲେ ମିଳିତ ଭସାଣି ଶୋଭାଯାତ୍ରାରେ। ପାରମ୍ପରିକ ଓ ଆଧୁନିକ ନୃତ୍ୟ ସଙ୍ଗୀତରେ ମସ୍‌ଗୁଲ ହୋଇପଡ଼ିଥିଲେ ସଭିଏଁ। ବ୍ୟାଣ୍ଡପାର୍ଟି ଗୀତ ଓ ବାଦ୍ୟର ତାଳେତାଳେ ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ଯାଏ ସମସ୍ତେ ପାଦରେ ପାଦ ମିଶାଇ ନାଚିଥିଲେ। ଏଥିରୁ ବାଦ୍ ପଡ଼ି ନ ଥିଲେ ସରକାରୀ କର୍ମଚାରୀ, ଯାହା ଭସାଣି ମାହୋଲକୁ କରିଦେଇଥିଲା ବେଶ୍ ଆକର୍ଷଣୀୟ।


ଦେବଦାସୀ ନୃତ୍ୟରେ ନିମଗ୍ନ କଳାକାର।


ପାରମ୍ପରିକ ସମ୍ବଲପୁରୀ ବାଦ୍ୟ।


ହାଇଦ୍ରାବାଦରୁ ଆସିଥିବା ଠାକୁରାଣୀ ନୃତ୍ୟଦଳ।


ମହାରାଷ୍ଟ୍ରର ଢୋଲକ ବାଦ୍ୟ ଦଳ।



ଆସାମର ବିହୁନୃତ୍ୟ।


ଘୋଡ଼ାନାଚ।

## ବାଦ୍ୟବାଜଣାରେ କମ୍ପିଲା କୁଲାଡ଼



ବଅଁରପାଳ, ୪।୧୧(ଡି.ଏନ.ଏ.)

ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଅନୁଷ୍ଠିତ ଲକ୍ଷ୍ମୀପୂଜା ଭସାଣି ଉତ୍ସବ ରବିବାର ଧୁମ୍‌ଧାମରେ ଶେଷହୋଇଛି। କୁଲାଡ଼ ଛକ ବ୍ରାହ୍ମଣୀଦେବୀ ସାହି, ଫ୍ରେଣ୍ଡ୍ସ କ୍ଲବ, ସାହାରା କ୍ଲବ, ପ୍ରିନ୍ସ କ୍ଲବ, ଆଲୁମିନିୟମ୍ ହାଇସ୍କୁଲ, ବଣିକ ସଂଘ ଓ ବାବାସ୍ କ୍ଲବ ପ୍ରମୁଖ ୯ ମେଢ଼ ସାମିଲ ହୋଇଥିଲେ। ଅପରାହ୍ନରେ ବାଦ୍ୟବାଜଣାରେ ସମସ୍ତ ମେଢ଼ ମେନ୍ ଗେଟ୍ ଛକରେ ଏକତ୍ରିତ ହୋଇଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇନିକଟ ପୋଖରୀରେ ବିସର୍ଜନ କରାଯାଇଥିଲା।

- ୨ ମାସର ଯାଆଁଳା ଶିଶୁଙ୍କୁ କର୍କଟ

# ସହାୟତା ଲୋଡ଼ିଲେ ମା'ବାପା

**ଜନ୍ମକୁ ୩ ମାସ ପୂରିନି। ଆଖି ଖୋଲି ଭଲ ଭାବେ ଦୁନିଆକୁ ଦେଖିନାହାନ୍ତି। ହେଲେ ସେମାନଙ୍କ ଶରୀରରେ କାୟାବିସ୍ତାର କରିଛି ମାରାତ୍ମକ କ୍ୟାନ୍‌ସର। ଏକାଥରକେ ଜନ୍ମିତ ଦୁଇ କୋମଳମତି ଶିଶୁ କର୍କଟରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ପରିବାର ଲୋକଙ୍କ ପାଦ ତଳୁ ମାଟି ଖସିଯାଇଛି।**

ଭୁବନ, ୪।୧୧(ଡି.ଏନ.ଏ.)

- ଅଗଷ୍ଟ ୧୫ରେ ଜନ୍ମ ହୋଇଥିଲେ
- ଶରୀରରେ ରହିଥିଲା ଘା' ଚିହ୍ନ
- ଉପଜିଲାପାଳ ଦେଲେ ପ୍ରତିଶ୍ରୁତି
- କଟକ ବଡ଼ ଡାକ୍ତରଖାନାରେ ହେବ ଚିକିତ୍ସା

ଅଗଷ୍ଟ ୧୫। ସାରା ଦେଶ ସ୍ୱାଧୀନତା ଦିବସ ପାଳନ କରୁଥିବାବେଳେ ଭୁବନ ବ୍ଲକ ମହୁଲପାଳ ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ପରିବାର ଲାଗି ଏହି ଦିନଟି ବେଶ୍ ଖାସ୍ ହୋଇଯାଇଥିଲା। କାରଣ ଉକ୍ତ ଦିନ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ଗୀତାଞ୍ଜଳି ଜନ୍ମ ଦେଇଥିଲେ ଯମଜ ସନ୍ତାନ। ଏକାସଙ୍ଗରେ ଝିଅପୁଅ ଘରକୁ ଆସିଥିବାରୁ ପରିବାରରେ ଖେଳିଯାଇଥିଲା ଖୁସିର ଲହରି। ହେଲେ ଏହି ଖୁସିକୁ ଯେମିତି ଲାଗିଗଲା କାହାରି ନଜର। ଦିନ କେଇଟାରେ କ୍ୟାନସରରେ ଆକ୍ରାନ୍ତ ହୋଇଗଲେ ଦୁଇ ସନ୍ତାନ। ଏହା ଜଣାପଡ଼ିବା ପରେ ମା'ବାପାଙ୍କ ଆଖିରୁ ନିଦ ହଜିଯାଇଛି। ଗରିବି ବୋଝ ତଳେ ଚାପିହୋଇ ରହିଥିବା ପରିବାର ସଦସ୍ୟ ଏବେ ପିଲାଙ୍କ ଜୀବନ ବଞ୍ଚାଇବାକୁ କରିଛନ୍ତି ଆକୁଳ ନିବେଦନ।

ଲକ୍ଷ୍ମୀଧରଙ୍କ କହିବା କଥା, ଅଗଷ୍ଟ ୧୫ରେ ଭୁବନ ଡାକ୍ତରଖାନାରେ ଏକ ଦିନରେ ଜନ୍ମ ନେଇଥିଲେ ଝିଅ କାବେରୀ ଏବଂ ପୁଅ କୃଷ୍ଣ। ଜନ୍ମ ସମୟରେ ଝିଅ ମୁଣ୍ଡରେ ଏବଂ ପୁଅ ଜଙ୍ଘରେ ଘା' ଚିହ୍ନ ରହିଥିଲା। ପ୍ରଥମେ ଏହାକୁ ଜନ୍ମ ଚିହ୍ନ ବୋଲି ଭାବିନେଇଥିଲେ ପରିବାର ଲୋକେ। ହେଲେ ଧୀରେ ଧୀରେ ଏହା ଯେ ଏକ ଜଟିଳ ରୋଗ, ତାହା ଜାଣିବାକୁ ଆଉ ବାକି ନ ଥିଲା। ଭୁବନ



ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସୁବିଧା ନ ଥିବାରୁ ଡାକ୍ତର ଦୁଇ ଶିଶୁଙ୍କ ଅଧିକ ଚିକିତ୍ସା ଲାଗି ଢେଙ୍କାନାଳ ପଠାଇ ଦେଇଥିଲେ। ସେଠାରେ ମଧ ଠିକ୍ ଭାବେ ରୋଗ ଚିହ୍ନଟ ହୋଇପାରି ନ ଥିଲା। ସେଠାରୁ ଉଭୟଙ୍କୁ କଟକ ପଠାଇ ଦିଆଯାଇଥିଲା। କଟକ ବଡ଼ ମେଡିକାଲରେ ପରୀକ୍ଷା ନିରୀକ୍ଷା ପରେ ଦୁଇ ପିଲା କ୍ୟାନ୍‌ସରରେ ପୀଡ଼ିତ ବୋଲି ସ୍ପଷ୍ଟ ହୋଇଥିଲା। ହେଲେ ଏପରି ଜଟିଳ ରୋଗର ଚିକିତ୍ସା କରାଇବାକୁ ଲକ୍ଷ୍ମୀଧର ଏବଂ ଗୀତାଞ୍ଜଳି ସାହସ ଜୁଟାଇ ପାରି ନ ଥିଲେ। ଚିକିତ୍ସାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ଜାଣିବା ପରେ ଦୁହେଁ ରୋଗଣା ପିଲାଙ୍କୁ ଧରି ଫେରି ଆସିଥିଲେ ଘରକୁ। ଏ ନେଇ ଲୁହ ଛଳଛଳ ଆଖିରେ ଲକ୍ଷ୍ମୀଧର କୁହନ୍ତି, ସେ ଜଣେ ଦିନ ମଜୁରିଆ। ଘରେ ବିଧବା ମା', ସ୍ତ୍ରୀ ଏବଂ ୩ବର୍ଷର ଝିଅ ଅଛନ୍ତି। ଦିନ ସାରା ଖଟିଲେ ପରିବାର ଲୋକଙ୍କ ପେଟକୁ ଦାନା ଯାଏ। ଏବେ ଡାକ୍ତର କହୁଛନ୍ତି ଦୁଇ ଛୋଟ ଝିଅପୁଅକୁ କ୍ୟାନ୍‌ସର। ଏଭଳି ରୋଗରେ କେତେ ଟଙ୍କା ଖର୍ଚ୍ଚ ହେବ ତାହାର କିଛି ଠିକ୍ ଠିକଣା ନାହିଁ। ହାତରେ ଯାହା ଥିଲା ଖର୍ଚ୍ଚ କରି ଦେଖାଇଲେ। ଆଉ ସମ୍ବଳ ନାହିଁ, ତେଣିକି ଭଗବାନ ଭରସା ବୋଲି କହି ଭାଗ୍ୟକୁ ନିନ୍ଦୁଛନ୍ତି ଲକ୍ଷ୍ମୀଧର। ଏପରି ଦୁର୍ଦ୍ଦିନରେ ସରପଞ୍ଚ ମମତା ସାହୁ, ସମିତିସଭ୍ୟ ଶତ୍ରୁଘ୍ନ ଜେନା ପରିବାରକୁ ଆଶ୍ୱାସନା ଦେଇଛନ୍ତି। ସେମାନେ ଘଟଣାବଳୀ ସମ୍ପର୍କରେ ଉପଜିଲାପାଳ ଇଂ. ବିଷ୍ଣୁଚରଣ ଆଚାର୍ଯ୍ୟଙ୍କୁ ଫୋନ୍‌ରେ ଅବଗତ କରାଇଛନ୍ତି। କୃଷ୍ଣ, କାବେରୀଙ୍କୁ ଚିକିତ୍ସା ପାଇଁ କଟକ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

